


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପାତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





✦Vol - 22✦ Issue No:167✦12 October 2026 (Monday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୬୭✦୧୨ ଅକ୍ଟୋବର ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ତାମିଲନାଡୁକୁ ମୋଦୀଙ୍କ ୧୩ ହଜାର କୋଟିର ଭେଟି

ତାମିଲନାଡୁ,୧୧/୧୦: ତାମିଲନାଡୁର ବିକାଶକୁ ନୂଆ ଗତି ଦେବାକୁ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର । ରବିବାର ଚେନ୍ନାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାୟ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ମେଟ୍ରୋ ରେଳ, ରାଜପଥ, ରେଳବାଇ, ବନ୍ଦର, ପେଟ୍ରୋଲିୟମ ଏବଂ ଶିକ୍ଷା କ୍ଷେତ୍ର ସହ ଜଡ଼ିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ବିକାଶକୁ ନୂଆ ଦିଗ ଦେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ତାମିଲନାଡୁକୁ ନିରନ୍ତର ନୂଆ ଉଚ୍ଚତାକୁ ନେବା ତାଙ୍କ ସରକାରଙ୍କ ଲକ୍ଷ୍ୟ । ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇଦେବାକୁ ପ୍ରତିବଦ୍ଧ । ବିକଶିତ ତାମିଲନାଡୁ ମାଧ୍ୟମରେ ବିକଶିତ ଭାରତର ସଂକଳ୍ପକୁ ସାକାର କରିବାକୁ ସେ ଆହ୍ୱାନ ଦେଇଛନ୍ତି । ମୋଦୀ କହିଛନ୍ତି ଯେ, ଏହି ଦିନ ତାମିଲନାଡୁ ପାଇଁ ଏକ ଐତିହାସିକ ଦିନ । ଆଜି ଉଦ୍‌ଘାଟନ ହେଉଥିବା ପ୍ରକଳ୍ପଗୁଡ଼ିକ ଲୋକଙ୍କ ଦୈନନ୍ଦିନ ଯାତାୟାତକୁ ସହଜ କରିବା ସହ ଶିଳ୍ପ ଓ ବାଣିଜ୍ୟର ବିକାଶରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ । ଚେନ୍ନାଇ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଆଇଆଇଟିର ବ୍ରେନ୍ ରିସର୍ଚ୍ଚ ସେଂଟର ପରିଦର୍ଶନ କରିଥିଲେ । ମସ୍ତିଷ୍କ ସମ୍ବନ୍ଧୀୟ ଗବେଷଣା ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିପାରିବ ବୋଲି ସେ ମତ ଦେଇଛନ୍ତି । ଏହାସହ ଚେନ୍ନାଇ ମେଟ୍ରୋର ଆଉ ଏକ ପର୍ଯ୍ୟାୟକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବାର ସୁଯୋଗ ମିଳିଥିବା ସେ କହିଛନ୍ତି । ମୋଦୀ କହିଛନ୍ତି, ମନ୍ଦିରଠାରୁ ଆରମ୍ଭ କରି ମେଟ୍ରୋ ପର୍ଯ୍ୟନ୍ତ ତାମିଲନାଡୁର ଅନୁଭବ ଆଜିର ଭାରତର ଆତ୍ମାକୁ ପ୍ରତିଫଳିତ କରୁଛି । ଭାରତ ନିଜର ସାଂସ୍କୃତିକ ଐତିହ୍ୟରୁ ପ୍ରେରଣା ନେଉଥିବା ବେଳେ ବିଜ୍ଞାନ ଓ ଆଧୁନିକ ଭିତ୍ତିଭୂମିର ବିକାଶ ମାଧ୍ୟମରେ ଆଗକୁ ବଢ଼ୁଛି । ଦେଶର ପରମ୍ପରା ଓ ଭବିଷ୍ୟତର ଆକାଂକ୍ଷା ଏକାସାଙ୍ଗରେ ଆଗକୁ ବଢ଼ୁଥିବା ସେ କହିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ



## ଯୁବପିଢ଼ିଙ୍କ ପାଇଁ ଖୋଲିବ ନିଯୁକ୍ତିର ବାଟ

ତାମିଲନାଡୁର ଯୋଗାଯୋଗ ବ୍ୟବସ୍ଥା, ଶିଳ୍ପ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହ ରାଜ୍ୟର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


# ଚେନ୍ନାଇରେ ପ୍ରଧାନମନ୍ତ୍ରୀଙ୍କ ମେଗା ରୋଡ୍ ଶୋ':



ଚେନ୍ନାଇ,୧୧/୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଚେନ୍ନାଇରେ ୧୩ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବା ପାଇଁ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ୧୧ଟାରେ

## ମେଟ୍ରୋରେ ଏକାଠି ଯାତ୍ରା କଲେ ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ

ବିମାନବନ୍ଦରରେ ପହଞ୍ଚି ଥିଲେ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ତାଙ୍କୁ ସ୍ୱାଗତ କରିଥିଲେ । ବିଜୟ ସରକାର କ୍ଷମତାକୁ ଆସିବା ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଚେନ୍ନାଇ ଗସ୍ତ । ରାଜ୍ୟପାଳ ରାଜେନ୍ଦ୍ର ଆର୍ଲେକର, ମୁଖ୍ୟମନ୍ତ୍ରୀ ବିଜୟ, ଏଆଇଏଡିଏମକେ ମହାସଚିବ ଏଡାପ୍ପାଡି କେ. ପଲାନିସ୍ୱାମୀ ଏବଂ ବିଜେପି ନେତା ନୈନାର ନାଗେନ୍ଦ୍ରନ ମଧ୍ୟ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇରେ ଏକ ମେଗା ରୋଡ୍ ଶୋ ମଧ୍ୟ କରିଥିଲେ ଏବଂ ତାଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିବା ବିଜେପି କର୍ମୀ ଏବଂ ସମର୍ଥକମାନଙ୍କୁ ହାତ ହଲାଇ ଅଭିବାଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାଫଲା ବିମାନବନ୍ଦରରୁ ବାହାରିବା ମାତ୍ରେ ବହୁ ସଂଖ୍ୟକ ବିଜେପି କର୍ମୀ ଏବଂ ସମର୍ଥକ ତାଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତା କଡ଼ରେ ଠିଆ ହୋଇ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଉଥିବାର ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବିଜେପିର ତାମିଲନାଡୁ ୟୁନିଟ୍ ବିମାନବନ୍ଦର ନିକଟରେ ନିର୍ଦ୍ଦିଷ୍ଟ ରାସ୍ତା କଡ଼ରେ ପାରମ୍ପରିକ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଥିଲା । ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ପୋରୁର ମେଟ୍ରୋ ଷ୍ଟେସନକୁ ଯାଇଥିଲେ, ଯେଉଁଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ଭିଡ଼ ଜମିଥିଲା ।

# ଦେଶବାସୀଙ୍କୁ ନବରାତ୍ରିର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ: ମା'ଙ୍କ ଆଶୀର୍ବାଦ ସର୍ବଦା ଆପଣଙ୍କ ସହିତ ରହୁ



ନୂଆଦିଲ୍ଲୀ,୧୧/୧୦:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଉତମ ସ୍ୱାସ୍ଥ୍ୟ ପାଇଁ ଦେବୀ ଦୁର୍ଗାଙ୍କ ସ୍ୱରୂପ ଶୈଳପୁତ୍ରୀ ନିକଟରେ ପ୍ରାର୍ଥନା କରିଛନ୍ତି । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଶକ୍ତି-ସାଧନାର ମହାନ ପର୍ବ ନବରାତ୍ରିରେ ସମସ୍ତ ଦେଶବାସୀଙ୍କୁ ଅନେକ ଅନେକ ଶୁଭକାମନା । ମା' ଜଗଦମ୍ବାଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଉନ୍ନମ ସ୍ୱାସ୍ଥ୍ୟ ଆଣୁ, ଏକତା ଏବଂ ପ୍ରଗତି ପାଇଁ ଦେଶର ସଂକଳ୍ପକୁ ଆହୁରି ମଜବୁତ କରୁ । ପ୍ରଧାନମନ୍ତ୍ରୀ ନବରାତ୍ରିର ପ୍ରଥମ ଦିନରେ ଦେବୀ ଶୈଳପୁତ୍ରୀଙ୍କୁ ମଧ୍ୟ ପ୍ରଣାମ କରିଛନ୍ତି । ଅନ୍ୟ ଏକ ପୋଷ୍ଟରେ ସେ କହିଛନ୍ତି, ନବରାତ୍ରି ଆରମ୍ଭରେ, ମୁଁ ଶାନ୍ତିର ଦେବୀ ଶୈଳପୁତ୍ରୀଙ୍କୁ ପ୍ରଣାମ କରୁଛି । ତାଙ୍କର ଦିବ୍ୟ କୃପା ସମସ୍ତଙ୍କ ହୃଦୟରେ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ଦୀପ ଜଳାଉ । ମାତା ଦେବୀଙ୍କ ଆଶୀର୍ବାଦ ସର୍ବଦା ଦେଶବାସୀଙ୍କ ସହିତ ରହୁ ଏହା ହିଁ ମୋର କାମନା ।

# ୩,୫୯୦ କୋଟିର ଋଣ ଜାଲିଆତି: ଜିପିଆଇଏଲ୍‌ରେ ଇଡି ଚଢ଼ଉ

ଭୁବନେଶ୍ୱର,୧୧/୧୦(ନି.ପ୍ର): କୋଟି କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଥିବା ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (ଜିପିଆଇଏଲ୍) ଏବଂ ଏହାର ସହସଂସ୍ଥାଗୁଡ଼ିକ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ କରିଛି । ପଶ୍ଚିମବଙ୍ଗ ଓ ଓଡ଼ିଶାର ମୋଟ ୯ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି । ତଦନ୍ତ ସମୟରେ ବିଭିନ୍ନ ଆପତ୍ତିଜନକ କାଗଜପତ୍ର, ଡିଭାଇସ୍ ଏବଂ ଦସ୍ତାବିଜ୍ ଜବତ କରାଯାଇଛି । ଜିପିଆଇଏଲ୍ ସହ ସମ୍ପୃକ୍ତ ୧୩୯ ବ୍ୟାଙ୍କ ଆକାଉଣ୍ଟ, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାରଗୁଡ଼ିକୁ ଫ୍ରିଜ୍ କରାଯାଇଛି । ଏହାବ୍ୟତୀତ, ୩ଟି ଦାମୀ କାର (୨ଟି ମର୍ସିଡିଜ୍ ଏବଂ ୧ଟି ବିଏମ୍‌ଡବ୍ଲୁ) ମଧ୍ୟ ଜବତ ହୋଇଛି । ସିବିଆଇ ଦ୍ୱାରା ରୁଜୁ ମାମଲା ଆଧାରରେ ଇଡି ଏହି ତଦନ୍ତ ଆରମ୍ଭ କରିଥିଲା । ପଶ୍ଚିମବଙ୍ଗରେ ପଞ୍ଜୀକୃତ ଜିପିଆଇଏଲ୍‌ର ଶାଖା ଅଫିସ୍ ଭୁବନେଶ୍ୱରରେ ରହିଛି । ଏହି କମ୍ପାନୀ କେବୁଲ୍, କଣ୍ଡକ୍ଟର, ତାର ଆଦି ସାମଗ୍ରୀ ତିଆରି ଓ ଯୋଗାଇଥାଏ । କମ୍ପାନୀ ଏକ ବ୍ୟାଙ୍କରୁ ପ୍ରାୟ ୩,୫୯୦ କୋଟି ଟଙ୍କାର ଋଣ ନେଇଥିଲା । ଏଥିମଧ୍ୟରୁ ରାଷ୍ଟ୍ରାୟତ ବ୍ୟାଙ୍କ କାନାରା ବ୍ୟାଙ୍କରୁ ପ୍ରାୟ ୧,୧୭୪ କୋଟି ଋଣ ନେଇଥିଲା । ୨୦୧୮ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ କମ୍ପାନୀ ବ୍ୟାଙ୍କକୁ ମିଥ୍ୟା ଓ ଅଧିକ ଷ୍ଟକ୍ ଦେଖାଇ ନିଜର ଋଣ ନେବା କ୍ଷମତା ବୃଦ୍ଧି କରି ଏହି ଠକେଇ କରିଥିବା ଅଭିଯୋଗ ହୋଇଥିଲା ।

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ, ୧ ମୃତ ଓ ୩ ଗୁରୁତର



ଯାଜପୁର,୧୧/୧୦(ନି.ପ୍ର): ଘରେ ଚା' ତିଆରି କରୁଥିବା ବେଳେ ଅଘଟଣ । ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିବାରୁ ଫାଟିଲା ଟାଙ୍କି । ଗୋଟିଏ ପରିବାରର ଚାରି ଜଣ ଗୁରୁତର ଆହତ ହୋଇଛନ୍ତି । ପରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି । ଏଭଳି ଦୁଃଖଦ ଘଟଣା ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ଗାଁରେ ଘଟିଛି । ଗୁରୁତରଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଓ ଜଣେ ଛୋଟ ପିଲା ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରବିବାର ସକାଳେ ଗାଁର ଅଭିରାମ ମଲିକଙ୍କ ଘରେ ଚା' ତିଆରି ହେଉଥିବା ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା । ଫଳରେ ନିଆଁ ଲାଗିଯିବାରୁ ପରିବାରର ଚାରି ଜଣ ସଦସ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ଆହତମାନଙ୍କୁ ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଅଘଟଣରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ତିନି ଜଣଙ୍କ ଚିକିତ୍ସା ଚାଲିଛି । ଘଟଣାକୁ ନେଇ ଅରାବଳ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ଦକ୍ଷିଣ ଆଣ୍ଡାମାନ ସାଗର ଘୂର୍ଣ୍ଣିବଳୟ ସୃଷ୍ଟି

## ୧୩ ସୁଦ୍ଧା ଲଘୁଚାପ ସମ୍ଭାବନା, ବିଭିନ୍ନ ଜିଲ୍ଲାକୁ ଆଲର୍ଟ




ଭୁବନେଶ୍ୱର,୧୧/୧୦(ନି/ପ୍ର): ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ । ଏହା ଆଗକୁ ଉତର ଆଣ୍ଡାମାନକୁ ଅଗ୍ରସର ହୋଇପାରେ । ଫଳରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୧୩ ତାରିଖ ବେଳକୁ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି ଏହାର ପ୍ରଭାବ ସେତେଟା ରହିବ ନାହିଁ । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଲଗାଣ କିମ୍ବା ବଡ଼ ବର୍ଷା ସମ୍ଭାବନା କମ୍ ରହିଛି । ଏନେଇ ଆଇଏମଡି ପକ୍ଷରୁ ଆକଳନ କରାଯାଇଛି । ମୁଖ୍ୟତଃ ଦଶହରାରେ ପାଗ ଶୁଖିଲା ରହିବ । ଆସନ୍ତା ୫ଦିନ ପର୍ଯ୍ୟନ୍ତ ଦିନ ଓ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନପାରେ । ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ନିୟମିତ କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ଅଛି । ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ଓ ପାଖ ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ଜାଗାରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ । କିଛି ଜାଗାରେ ଘଡ଼ଘଡ଼ି ସହ ବର୍ଷା, ପବନ ହୋଇପାରେ । ଆକଳନ ଅନୁସାରେ, ଟ୍ରଫଲାଇନ ବା ପୂର୍ବପଟୁ ପବନ ପ୍ରବାହ ଯୋଗୁ ୧୩ ତାରିଖରୁ ଓଡ଼ିଶାରେ ପାଗ ବଦଳିପାରେ । ୧୩ ରାତିରୁ ୧୫ ତାରିଖ ରାତି କିମ୍ବା ୧୬ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ବର୍ଷା ରହିପାରେ । ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ସମ୍ଭାବନା ଅଛି । ଗୋଟିଏ ଦୁଇଟି ଜାଗାରେ ପ୍ରବଳ ବର୍ଷା ହୋଇପାରେ । ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ ଓଡ଼ିଶାର ଉପକୂଳ ଜିଲ୍ଲାଗୁଡିକରେ ବର୍ଷା ହେବାର ସମ୍ଭାବନା ରହିଛି ।

# ଆମେରିକାରେ ଘୂର୍ଣ୍ଣିବାତ୍ୟା 'ଇସାୟସ୍'ର ତାଣ୍ଡବ: ୪ ମୃତ, ଦକ୍ଷିଣ-ପୂର୍ବ ଅଞ୍ଚଳରେ ବନ୍ୟା ଆଶଙ୍କା



ୱାସିଂଟନ,୧୧/୧୦:ଘୂର୍ଣ୍ଣିବାତ୍ୟା ଇସାୟସ୍ ଫ୍ଲୋରିଡା ଏବଂ ଆଲାବାମା ସମେତ ଅନେକ ଦକ୍ଷିଣ-ପୂର୍ବ ଆମେରିକୀୟ ରାଜ୍ୟରେ ତାଣ୍ଡବ ରଚିଛି । ପ୍ରଭାବିତ ଅଞ୍ଚଳରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି । ପ୍ରାୟ ୭୦୦,୦୦୦ ଘର ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି । ଝଡ଼ ଯୋଗୁଁ ଅନେକ କୋଠା କ୍ଷତିଗ୍ରସ୍ତ ହୋଇଛି । ମୁଷଳଧାରା ବର୍ଷା ଯୋଗୁଁ ବନ୍ୟା ହେବାର ଆଶଙ୍କା ରହିଛି । ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ, ଦକ୍ଷିଣ ଆପାଲାଚିଆନ୍ ପର୍ବତମାଳା ଅଞ୍ଚଳରେ ବନ୍ୟା ଆସିପାରେ । ଶୁକ୍ରବାର ଫ୍ଲୋରିଡାର ଡେଷ୍ଟିନ୍ ନିକଟରେ ଘୂର୍ଣ୍ଣିବାତ୍ୟା ଇସାୟସ୍ ସ୍ଥଳଭାଗ ଛୁଇଁଥିଲା । କେତେକ ସମୟରେ ଝଡ଼ ଚାଲିଯିବାର ଗୋଟିଏ କିମ୍ବା ଦୁଇ ଦିନ ପରେ ବନ୍ୟା ଆସିଥାଏ, ତେଣୁ ବିପଦ ଏପର୍ଯ୍ୟନ୍ତ ଟଳିନାହିଁ ବୋଲି ଫ୍ଲୋରିଡା ରାଜ୍ୟପାଳ ରନ୍ ଡିସାଣ୍ଟିସ୍ ଚେତାବନୀ ଦେଇଛନ୍ତି । ଫ୍ଲୋରିଡାର ଏସକାମ୍ବିଆ କାଉଣ୍ଟିର ସେରିଫ୍ ଚିପ୍ ସିମନ୍ସ କହିଛନ୍ତି ଯେ, ଝଡ଼ ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ବର୍ମିଂହାମ ସିଟି ଅଗ୍ନିଶମ ମୁଖ୍ୟ କୋରି ମୁନ୍ କହିଛନ୍ତି, ଘର ଉପରେ ଗଛ ପଡ଼ିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି । ଘରୁ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା । ଆଲାବାମା ଜରୁରୀକାଳୀନ ପରିଚାଳନା ଏଜେନ୍ସି ଅଧିକାରୀ ଜୋଶ ଜନସନ କହିଛନ୍ତି ଯେ ବାର୍ବୋର କାଉଣ୍ଟିରେ ଏକ ରାସ୍ତାରେ ଗଛ ପଡ଼ିଯିବା ଯୋଗୁଁ ହୋଇଥିବା ଯାନ ଦୁର୍ଘଟଣାରେ ଆଉ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ଆଲାବାମାର ମେକ୍ସିକୋ ଉପସାଗର କୂଳରେ ଥିବା ଉପକୂଳବର୍ତ୍ତୀ ସହର ମୋବାଇଲର ଅଧିକାରୀମାନେ କହିଛନ୍ତି, ଅନେକ ସ୍ଥାନରେ ଗଛ ଭାଙ୍ଗି ରାସ୍ତାକୁ ଅବରୋଧ କରିଛି । ସେହିପରି ବିଦ୍ୟୁତ୍ ସଂଯୋଗ ତାର ଛିଣ୍ଡି ଯାଇଛି ।

# ଆମେ ଆକ୍ରମଣ କରିପାରୁ: ସାଉଦି ବିମାନବନ୍ଦର ଉପରେ ହୁତିଙ୍କ ଆକ୍ରମଣ ପରେ ନାଲି ଆଖି ଦେଖାଇ ଧମକ ଦେଲେ ଟ୍ରମ୍ପ



ୱାସିଂଟନ,୧୧/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁତିଙ୍କ ବିରୋଧରେ ଯୁଦ୍ଧରେ ସାଉଦି ଆରବ ସହ ଯୋଗଦେବାକୁ ସଙ୍କେତ ଦେଇଛନ୍ତି । ସାଉଦି ଆରବର ରିୟାଦରେ ବିମାନବନ୍ଦର ଉପରେ ହୁତିଙ୍କ ଆକ୍ରମଣରେ ୧୮ ଜଣଙ୍କ ମୃତ୍ୟୁ ଏବଂ ପ୍ରାୟ ୫୦ ଜଣ ଆହତ ହେବା ପରେ ଆମେରିକୀୟ ସେନା ୟେମେନର ଇରାନ ସମର୍ଥିତ ହୁତି ଗୋଷ୍ଠୀ ଉପରେ ଆକ୍ରମଣରେ ଯୋଗ ଦେଇପାରେ ବୋଲି ଅନୁମାନ କରାଯାଉଛି । ହୁତିଙ୍କ ସଦ୍ୟତମ ଆକ୍ରମଣ ପଶ୍ଚିମ ଏସିଆରେ ଉତେଜନା ବୃଦ୍ଧି କରିଛି । ଫଳରେ ରିୟାଦକୁ ଯିବା ଆସିବା କରୁଥିବା ବିମାନ ସେବା ବହୁ ପରିମାଣରେ ପ୍ରଭାବିତ ହୋଇଛି । ଟେନେସିରେ ଏକ ରାଲି ପାଇଁ ଯିବା ପୂର୍ବରୁ ଶନିବାର ହ୍ୱାଇଟ୍ ହାଉସର ଦକ୍ଷିଣ ଲନ୍‌ରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଛନ୍ତି, ଆମେ ପୁଣି ଥରେ ଏହା କରିପାରିବୁ । ଆମେ ଏହା ଉପରେ ବିଚାର କରିବୁ । ଆମେ ବର୍ତ୍ତମାନ ହୋଇଥିବା ଆକ୍ରମଣ ବିଷୟରେ ଜାଣିଛୁ । ତେଣୁ ଆମେ ଏହା ଉପରେ ନିଷ୍ପତି ନେବୁ । ଆମେ ବହୁତ ଶୀଘ୍ର କାମ କରୁଛୁ । ଶନିବାର ଦିନ ସାଉଦି ଆରବର ଦ୍ୱିତୀୟ ବ୍ୟସ୍ତବହୁଳ ବିମାନବନ୍ଦର କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର(କେକେଆଇଏ)ର ଟର୍ମିନାଲ ୩ ଏବଂ ୪ କୁ ଟାର୍ଗେଟ କରି ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣ ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଛି । ହୁତି ବିଦ୍ରୋହୀମାନେ ସଦ୍ୟତମ ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି କିନ୍ତୁ ସାଉଦି ଆରବ ଏବଂ ଏହାର ସହଯୋଗୀମାନେ ହୁତିମାନଙ୍କୁ ଦାୟୀ କରୁଛନ୍ତି । ରିୟାଦରେ ଥିବା ଆମେରିକୀୟ ଦୂତାବାସ ମଧ୍ୟ ଏକ ସୁରକ୍ଷା ସତର୍କତା ଜାରି କରି ଆମେରିକୀୟ ନାଗରିକମାନଙ୍କୁ କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଏହାର ଆଖପାଖ ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି । ରିୟାଦ ଆକ୍ରମଣ ପରେ ଡୋନାଲ୍ଡ ଟ୍ରମ୍ପ ସୂଚିତ କରିଛନ୍ତି ଯେ, ଆମେରିକା ସେନା ସାଉଦି ସେନା ସହିତ ମିଶି ୟେମେନ ଉପରେ ଆକ୍ରମଣ କରିପାରେ । ଏଭଳି କହି ଟ୍ରମ୍ପ ଇରାନ ଉପରେ ପୁଣି ଆକ୍ରମଣ ଆରମ୍ଭ କରିବାକୁ ମଧ୍ୟ ଇଙ୍ଗିତ କରିଛନ୍ତି । ତେବେ ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନକୁ ଆଖି ଆଗରେ ରଖି ବର୍ତ୍ତମାନ ପାଇଁ ଟ୍ରମ୍ପ ଏହି ସଂଘର୍ଷରୁ ଦୂରେଇ ରହିବାକୁ ଚାହୁଁଥିବା ରାଜନୈତିକ ବିଶେଷଜ୍ଞ ମତପୋଷଣ କରିଛନ୍ତି । ୟୁକ୍ରେନ୍ ଉପରେ ରୁଷର ବଡ଼ ଆକ୍ରମଣ । ଏହି ଆକ୍ରମଣରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ରୁଷ ଏହି ହମଲା ୟୁକ୍ରେନର ଜେପାରିଜିୟୋ ଅଞ୍ଚଳରେ କରିଛି । ଏହି ଆକ୍ରମଣ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଦ୍ୱାରା ରୁଷ ଡିଜେଲ୍ କିଣିବାର ଚୁକ୍ତିର ଘୋଷଣା ଦିନକ ପରେ ହୋଇଛି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଚମ୍ପୁଆରେ ଯୋଡ଼ା ଟ୍ରକ୍ ମାଲିକ ସଂଘର ନିର୍ବାଚନ ଉଷ୍ମତା ବୃଦ୍ଧି

ଚମ୍ପୁଆ,୧୧/୧୦(ନି/ପ୍ର): ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ପ୍ରଚାରମାହୋଲ ଏବେ ସରଗରମ ହୋଇଉଠିଛି । ଚମ୍ପୁଆ ବିଧାୟକ ସମର୍ଥିତ ସଭାପତି ପଦ ପ୍ରାର୍ଥୀ ରାକେଶ ରୋଶନ ଓ ସମ୍ପାଦକ ପଦ ପ୍ରାର୍ଥୀ ରବି ନାରାୟଣ ଦାସଙ୍କ ଟିମ୍ ପକ୍ଷରୁ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଆୟୋଜିତ ପ୍ରଚାର ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକଙ୍କ ସମାଗମ ଦେଖିବାକୁ ମିଳିଛି । ସଭାରେ ଟ୍ରକ ମାଲିକଙ୍କ ସମସ୍ୟା, ସଂଘର ହିତ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା । ଗତ ଦିନ ମାନଙ୍କରେ ସଂଘ କିପରି ଦୁର୍ଦ୍ଦିନରେ ଗତି କରୁଥିଲା ସେତେବେଳେ ସଂଘ କର୍ମକର୍ତ୍ତା କିଭଳି ସଂଘ ସଦସ୍ୟଙ୍କ ବଦଳରେ ନିଜ ସ୍ୱାର୍ଥରେ ବୁଡି ସଦସ୍ୟଙ୍କୁ ଅଣଦେଖା କରି ଚାଲିଥିଲେ ଏହାକୁ ନେଇ ବର୍ଷି ଥିଲେ ସଭାପତି ଓ ସମ୍ପାଦକ ପ୍ରାର୍ଥୀ । ଆଗାମୀ ଦିନରେ ସଂଘକୁ ଆହୁରି ଶକ୍ତିଶାଳୀ କରିବା ତଥା ସଂଘ ମାଲିକ ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏକତାବଦ୍ଧ ହୋଇ କିପରି କାମ କରିପାରିବ ତାକୁ ନେଇ ଉପସ୍ଥିତ ପ୍ରାର୍ଥୀ ମାନେ ଆହ୍ୱାନ ଦେଇଥିଲେ । ସମ୍ପାଦକ ପ୍ରାର୍ଥୀ ରବି ନାରାୟଣ ଦାସ ବିଗତ ଦିନରେ ସଂଘ ନାମରେ ପୂର୍ବ ନିର୍ବାଚିତ ପ୍ରାର୍ଥୀ ମାନେ କିପରି ଦୁର୍ନୀତିରେ ଲିପ୍ତ ରହି ସଂଘ ସଦସ୍ୟଙ୍କୁ ଅଣଦେଖା କରୁଥିଲେ ନିଜ ସ୍ୱାର୍ଥରେ ବୁଡି ରହି ଥିଲେ ଏହା ଉପରେ ବର୍ଷିଥିଲେ । ଆଗାମୀ ଦିନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ଜିତିଲେ ଟ୍ରକ ମାଲିକଙ୍କ ସମସ୍ୟା ଓ ଦାବିକୁ ପ୍ରାଥମିକତା ଦେଇ ସଂଘର ହିତ ପାଇଁ କାମ କରିବା ସହ ସମସ୍ତଙ୍କୁ ନେଇ ସଂଘକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ । ସଭାପତି ପ୍ରାର୍ଥୀ ରାକେଶ ରୋଶନ ମଧ୍ୟ ଟ୍ରକ୍ ମାଲିକମାନଙ୍କ ହିତ ଓ ଅଧିକାରକୁ ପ୍ରାଥମିକତା ଦେଇ ସଂଘକୁ ଏକତାର ସହ ଆଗେଇ ନେବା ଉପରେ ମତ ରଖିଥିଲେ । ମାଲିକମାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ସହସମ୍ପାଦକ ପଦ ପ୍ରାର୍ଥୀ ଦୀପକ ମହାନ୍ତ ଉପସଭାପତି ପଦ ପ୍ରାର୍ଥୀ ମହେଶ ସିଂ ଓ କୋଷାଧ୍ୟକ୍ଷ ପଦ ପ୍ରାର୍ଥୀ ଗୌତମ ବେହେରା ମଧ୍ୟ ନିଜ ନିଜ ମତ ରଖି ସଂଘର ଉନ୍ନତି ଓ ଟ୍ରକ ମାଲିକଙ୍କ ସ୍ୱାର୍ଥ ପାଇଁ କାମ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏହି ନିର୍ବାଚନୀ ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକ ଉପସ୍ଥିତ ହୋଇଥିଲେ । ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନୀ ତାତି ଆହୁରି ବଢ଼ିବାରେ ଲାଗିଛି । ସଭାରେ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇ ଏବଂ ଆଂଚଳିକ ଟ୍ରକ ମାଲିକ ସଂଘ ସଭାପତି ମନୋଜ ମହାନ୍ତ ମଧ୍ୟ ଉପସ୍ଥିତ ରହି ନିଜର ମତାମତ ରଖି ଟ୍ରକ ମାଲିକଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ । ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ପୁରୁଣା ଗାଡି ମାଲିକ ବୃନ୍ଦାବନ ରାମ ଓ ଗଣେଶ ଖିଲାର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି





କେନ୍ଦୁଝର,୧୧/୧୦(ନି/ପ୍ର): କେନ୍ଦୁଝର 'ସମାଜ' ପରିବାର ପକ୍ଷରୁ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ପୂର୍ବାହ୍ନ ୮ଟାରେ ଟେଲିଫୋନ ଏକ୍ସଚେଞ୍ଜ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସମାଜ ଜିଲା ପ୍ରତିନିଧି ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ମିଳନୀ ସାହିତ୍ୟ ସଂସଦ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, କେନ୍ଦୁଝରଗଡ଼ ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, କେନ୍ଦୁଝର ରୋଟାରୀ କ୍ଲବ ସଭାପତି ନିରୂପମା ସ୍ୱାଇଁ, ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ଜିଲା ସାମ୍ବାଦିକ ସଂଘ ସଭାପତି ସତ୍ୟନାରାୟଣ ମିଶ୍ର, ଜିଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟ ରଞ୍ଜନ ପ୍ରଧାନ, ସୁସାହିତ୍ୟିକ ଶାନ୍ତନୁ ମହାପାତ୍ର, ଶିକ୍ଷକ ବିଜୟ କୁମାର ବେହେରା, ସରସ୍ୱତୀ ଶିଶୁ ମନ୍ଦିର ବଣିଆପାଟର ଆଚାର୍ଯ୍ୟଦୀନବନ୍ଧୁ ମହାକୁଡ଼, କେନ୍ଦୁଝର ସିଟିଜେନ ଫୋମର କୃଷ୍ଣଚନ୍ଦ୍ର ପରିଡା, ରାମନାରାୟଣ ଦ୍ୱିବେଦୀ, ଭରତ ଚନ୍ଦ୍ର ପାତ୍ର, ଗାନ୍ଧିବାଦୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି, ବରିଷ୍ଠ ନାଗରିକ ଦୈତାରୀ ଚନ୍ଦ୍ରକର, କୁଳମଣି ପୁହାଣ, ଉମାକାନ୍ତ ବେହେରା, ଉମାକାନ୍ତ ପତ୍ରୀ, ସୁଭାଷ ନାୟକ, କାଉନସିଲର ଅବିନାଶ ମିଶ୍ର, ସାମ୍ବାଦିକ ଜିତେନ୍ଦ୍ର ପଟ୍ଟନାୟକ, ଏ ଆର ଖାନ, ସତ୍ୟଜିତ ସାମନ୍ତରାୟ ଓ ପବିତ୍ର ବେହେରା ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# କନ୍ଧମାଳ ଜିଲ୍ଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

କନ୍ଧମାଳ,୧୧/୧୦(ନି/ପ୍ର):କନ୍ଧମାଳ ଜିଲ୍ଲା ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ଫୁଲବାଣୀ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲ୍ଲା ଭାଜପାର ଯୁବ ନେତା ଅନୀଲ କୁମାର ପ୍ରଧାନଙ୍କ ଆୟୋଜନରେ ଏବଂ ଶଶିଭୂଷଣ ପ୍ରଧାନ ଓ ଅନ୍ୟ ଯୁବ ନେତୃବୃନ୍ଦମାନଙ୍କ ପରିଚାଳନାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ଦୁଇଶହ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ନେଇ ରକ୍ତ ଭଣ୍ଡାର ସୂତ୍ରରୁ ଜଣାପଡ଼ିଛି । ଶିବିରରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ଶତାଧିକ ଯୁବକ ଓ ଯୁବତୀ ତଥା ଫୁଲବାଣୀ ଆଇଟିଆଇ,ବିଇଡି କଲେଜ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଆଦି ଅନୁଷ୍ଠାନମାନଙ୍କରୁ ଛାତ୍ରଛାତ୍ରୀମାନେ ନିଜ ନିଜର ରକ୍ତଦାନ କରିଥିଲେ । ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲ୍ଲିକ, ଭାରତୀୟ ଜନତା ପାର୍ଟି ରାଜ୍ୟ ସମ୍ପାଦକ ଶ୍ରୀ ଭଗବାନ ମହାନ୍ତି, କନ୍ଧମାଳ ଜିଲ୍ଲା ସଭାପତି ଶ୍ରୀ ପଣ୍ଡିତ ବିଶିମାଝୀ, ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଶ୍ରୀ ମାନଗୋବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନକାରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

# ବଡବିଲ ଥାନା ଅନ୍ତର୍ଗତ ଭୁସୁଗାଁ ରେ ଆଠ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲା

## ଆରୋପି ସୁନିଆ ଚାମ୍ପିଆକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଦେଲେ ଜିଲ୍ଲା ପୋକ୍ସୋ କୋର୍ଟ

କେନ୍ଦୁଝର,୧୧/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା ବଡବିଲ ଥାନା ଅନ୍ତର୍ଗତ ଭୁସୁଗାଁ ରେ ଆଠ ବର୍ଷ ର ନାବାଳିକାକୁ ଦୁଷ୍କର୍ମ ମାମଲାରେ ଆରୋପି ସୁନିଆ ଚାମ୍ପିଆ କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି ଜିଲ୍ଲା ପୋକ୍ସୋ କୋର୍ଟ । ଏହା ସହ ନାବାଳିକାକୁ ଅନୁକମ୍ପା ମୂଳକ ସହାୟତା ଦଶ ଲକ୍ଷ ଟଙ୍କା ପ୍ରଦାନ୍ କଲେ ଜିଲ୍ଲା ପୋକ୍ସୋ କୋର୍ଟ । ପ୍ରକାଶ ଯେ ଏପ୍ରିଲ ତିନି ତାରିଖ ୨୦୨୨ ମସିହା ରେ ନାବାଳିକା ତାରା ପରିବାର ସହ ବଡବିଲ ଥାନା ଅନ୍ତର୍ଗତ ଭୁସୁଗାଁ କୁ ବୁଲିବାକୁ ଯାଇଥିଲେ । ଦିନ ସମୟରେ ଆଠ ବର୍ଷର ନାବାଳିକା ବାହାରେ ଖେଳୁଥିବା ସମୟରେ ସନିଆ ତାକୁ ଉଠାଇ ନିକଟସ୍ଥ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଘର ଲୋକେ ଖୋଜା ଖୋଜି କରୁଥିବା ବେଳେ ରାତି ଆଣି ନାବାଳିକା କି ସନିଆ ଘର ପାଖରେ ଛାଡ଼ି ଦେଇଥିଲା । ନାବାଳିକା କୁ ଦୁଷ୍କର୍ମ ହୋଇଥିବା ଜାଣି ଘର ଲୋକେ ବଡବିଲ ଥାନାରେ ଏତଲା ଦେଇଥିଲେ । କେସ ନଂ ୬୧/ ୨୦୨୨/୩୬୬/୩୭୬ଏବି ୬ ପୋକ୍ସୋ ରେ ପୋଲିସ ସନିଆ କୁ ଜେଲ୍ ପଠାଇ ଥିଲା ପୋଲିସ । ୧୩ ଜଣ ସାକ୍ଷୀଙ୍କ ବୟାନ କୁ ଭିତି କରି ଆଜି ମାନ୍ୟବର ଜିଲ୍ଲା ପୋକ୍ସୋ କୋର୍ଟ ଜଜ୍ ମୋନାଲିସା ମହାନ୍ତି ବିଚାର କରି ଆରୋପି ସୁନିଆ ଚାମ୍ପିଆ କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ନାବାଳିକାକୁ ଅନୁକମ୍ପା ମୂଳକ ସହାୟତା ଦଶ ଲକ୍ଷ ଟଙ୍କା ପ୍ରଦାନ୍ କରିଛନ୍ତି । ଏହି କେସ କୁ ସରକାରି ଓକିଲ ସଞ୍ଜୟ ପାଇକରାୟ ପରିଚାଳନା କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ



କଟକ,୧୧/୧୦(ନି/ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ତୁଳସୀପୁରସ୍ଥିତ ଦୟା ଆଶ୍ରମ ପାର୍କରେ ଉନ୍ମୋଚିତ ହୋଇଛି । ମେୟର ସୁବାସ ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଡକ୍ଟର ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସୁରେଶ ରାଉତରାୟ, ଶଶୀଭୂଷଣ ବେହେରା ଓ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟିର ସମ୍ପାଦକ ଡକ୍ଟର ଗୋବିନ୍ଦ ଭୂୟାଁ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ସନ୍ତୋଷ କୁମାର ଭୋଳ, ବିଜେପି ନେତା ଲଲାଟେନ୍ଦୁ ବଡୁ, ମୋହନ ପତି, ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ନଗର (ଜିଲ୍ଲା) ସଭାପତି ଆଇନଜୀବୀ ସ୍ୱଦେଶ ଦାସ, ଆଇନଜୀବୀ ଦେବସ୍ମାନ ଦାଶ, ବିଶ୍ୱଜିତ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନ, ଆଦର୍ଶ, ରାଜନୈତିକ ଦୂରଦୃଷ୍ଟି ଓ ଓଡ଼ିଶାର ବିକାଶରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ । ତାଙ୍କର ଦୂରଦୃଷ୍ଟି ଓ କାର୍ଯ୍ୟଦକ୍ଷତା ଓଡ଼ିଶାର ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଶିଳ୍ପର ବିକାଶ, ଶିକ୍ଷାର ପ୍ରସାର, ଓଡ଼ିଆ ଭାଷାର ମର୍ଯ୍ୟାଦା ବୃଦ୍ଧି ଏବଂ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ କ୍ଷେତ୍ରରେ ତାଙ୍କର ଅବଦାନ ଚିରସ୍ମରଣୀୟ । ତାଙ୍କ ଜୀବନ ଓ କର୍ମ ଆସନ୍ତା ପିଢିକୁ ଜନସେବା ଓ ରାଜ୍ୟର ପ୍ରଗତି ପାଇଁ କାମ କରିବାର ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ । ରାଜ୍ୟର ମହାନ ବ୍ୟକ୍ତିଙ୍କ ସ୍ମୃତି ସଂରକ୍ଷଣ ଏବଂ ସହରର ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଂଚାଇବା ଦିଗରେ କଟକ ପୌର ନିଗମର ଏହି ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ରାଉତ, କର୍ପୋରେଟର ବନଲତା ପ୍ରଧାନ, ପ୍ରିୟମ୍ବଦା ମହାନ୍ତି ଓ ଚୌଧୁରୀ ସୁବ୍ରତ ଘଡେଇ, ଆଇନଜୀବୀ ଆକାଶ ଭୂୟାଁ, ମିତାଲି ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ । ଆଇନଜୀବୀ ଚିନ୍ମରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଂଚଳିକ ସାଧନ କେନ୍ଦ୍ରରେ ସୁରଭି

ଭଦ୍ରକ,୧୧/୧୦(ନି/ପ୍ର): ବୀଣାପାଣି ଆଂଚଳିକ ସାଧନ କେନ୍ଦ୍ର, ରମ୍ଭିଳା ଆନୁକୂଲ୍ୟରେ କେଶପୁର ପ୍ରାଥମିକ ଓ ଜଗନ୍ନାଥ ମ. ଇ ବିଦ୍ୟାଳୟ ରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜ ନିଜର ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ । କାର୍ଯ୍ୟକ୍ରମକୁ ଗଣେଶ ଚନ୍ଦ୍ର ପଣ୍ଡା ଓ ସସ୍ମିତା କୁମାରୀ ନାୟକ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଜ୍ଞାନ, ସୃଜନଶୀଳ ଓ କଳାତ୍ମକ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଭଗବାନ ମଲ୍ଲିକ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଏପରି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଶିଶୁମାନଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାର ବିକାଶ ପାଇଁ ଏହା ଏକ ଉତ୍ତମ ମଂଚ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସମ୍ପାଦିତ କରିଥିବାରୁ ସି. ଆର. ସିସି କୃତଜ୍ଞତା ପ୍ରକାଶ କରିଥିଲେ ।ସମସ୍ତ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନ ମୁଗ୍ଧକର ହୋଇଥିବାରୁ ସମସ୍ତ ଦଳ କୁ ସମାଜ ସେବୀ ଅନନ୍ତ କିଶୋର ପଣ୍ଡା ପୁରସ୍କୃତ କରିଥିଲେ । ପରିଶେଷରେ କେଶପୁର ଗ୍ରାମବାସୀ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିବାରୁ ଦୁଇ ପ୍ର. ଶିକ୍ଷକ ପୀତବାସ ମହାଳିକ ଓ ଦେବାଶିଷ ମହାନ୍ତି ସହ ସଭାପତି ଜୀବନ ଦାସ, ତପନ ବେହେରା ଙ୍କୁ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପୀତାମ୍ବର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଂଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ସୁପରିଚାଳନା କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ଟୁଷୁରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ

ବଲାଙ୍ଗୀର,୧୧/୧୦(ନି/ପ୍ର): ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ଟୁଷୁରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ସରକାରୀ ଆଶ୍ରମ ବିଦ୍ୟାଳୟ ମହୀପୁର ଠାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଉପନଗରପାଳ ମାମୀ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଯୋଗଦେଇ ସୁରଭି ଶିଶୁର ସର୍ବାଙ୍ଗୀନ ବିକାଶର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଏବିଇଓ ବିପିନ ବାଗ ଓ ଏସ୍‌ଏମ୍‌ସି ଚେୟାରମେନ ହରିଶ୍ଚନ୍ଦ୍ର ଭୋଇ ଯୋଗଦେଇ କାର୍ଯ୍ୟକ୍ରମ ସଫଳତା କାମନା କରିଥିଲେ । ସିଆର୍‌ସିସି ଜଗମୋହନ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଂଚାଳନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ନଗରପାଳ ଅଜୟ ଜୟଶ୍ୱାଲ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ଓ ବରିଷ୍ଠ ଉଚ୍ଚ ମାଧ୍ୟମିକ ଏହିପରି ଚାରୋଟି ବିଭାଗରେ ମୋଟ ୪୩ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ନିର୍ବାଚନ:

## ପ୍ରାର୍ଥିପତ୍ର ଦାଖଲ କଲେ ବିଦ୍ୟାର୍ଥୀ ପରିଷଦର ଛାତ୍ରନେତା



କେନ୍ଦୁଝର,୧୧/୧୦(ନି/ପ୍ର): ଦୀର୍ଘ ଆଠ ବର୍ଷ ପରେ ହେବାକୁ ଯାଉଛି କଲେଜ ରେ ନିର୍ବାଚନ । ଏନେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି । ଆଜି କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପାର୍ଥୀ ମାନେ ସ୍ଥାନିୟ ଶିବ ମନ୍ଦିରରୁ ପୁଜା ଆରମ୍ଭ କରି ଏକ ବିରାଟ ଶୋଭାଯାତ୍ରାରେ କଲେଜ୍ ପର୍ଯ୍ୟନ୍ତ ବାହରିଥିଲେ । ଛାତ୍ର ଶକ୍ତି ରାଷ୍ଟ୍ର ଶକ୍ତି ନାରା ଦେଇ ପାର୍ଥୀ ମାନେ କଲେଜ୍ ପରିସରକୁ ଜାଇଥିଲେ । ପାର୍ଥିନୀ ମାନେ ବେସ ଉତ୍ସାହିତ ଥିବା ବେଳେ ନିଶ୍ଚୟ ଜିତିବେ ବୋଲି ଆଶା ବ୍ୟକ୍ତ କରିଥିବ ବେଳେ ବିଶ୍ୱବିଦ୍ୟାଳୟର ବିକାସକୁ ପ୍ରାଧାନ୍ୟ ଦେବେ ବୋଲି ପ୍ରକାଶ କରିଛନ୍ତି । ପ୍ରକାଶ ଯେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ରେ ପ୍ରଥମ ଥର କଲେଜ୍ ନିର୍ବାଚନ ହେଉଥିବା ବେଳେ ଦୀର୍ଘ ଆଠ ବର୍ଷ ପରେ ଛାତ୍ରଛାତ୍ରୀ ମାନେ ନିର୍ବାଚନ ନେଇ ବେସ ଉତ୍ସାହୀ ଅଛନ୍ତି ।



# ପୂର୍ବତନ ସୈନିକ ସଂଘ ପକ୍ଷରୁ ୯୪ତମ ବାୟୁସେନା ଦିବସ ପାଳିତ

କେନ୍ଦ୍ରାପଡ଼ା,୧୧/୧୦(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ସୈନିକ ସଂଘ ୮ ଅକ୍ଟୋବରକୁ ୯୪ ତମ ବାୟୁସେନା ଦିବସ ତିନିମୁହାଣ ସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ସ୍ମାରକରେ ଅଧ୍ୟକ୍ଷ କ୍ୟାପଟେନ ଅଭୟ କୁମାର ଲେଙ୍କାଙ୍କ ନେତୃତ୍ୱରେ ପାଳନ କରାଯାଇଥିଲା । ଅଧ୍ୟକ୍ଷ ଦୀପକ ପ୍ରଜ୍ୱଳନ ଏବଂ ପୁଷ୍ପ ଚକ୍ର(ରିତ) ଅର୍ପଣ କରି ଉଦ୍‌ଘାଟନ କରିଥିଲେ । ଅମର ଯବାନମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ସଦସ୍ୟ ସାମୁହିକ ସାଲ୍ୟୁଟ ପ୍ରଦାନ କରିଥିଲେ । ରାଷ୍ଟ୍ରଗାନ ଏବଂ ରାଷ୍ଟ୍ରଗିତ ସାମୁହିକ ଗାନ କରି ଭାରତ ମାତାର ଜୟ, ବନ୍ଦେ ମାତରମ୍, ସହିଦ ଯବାନ ଅମର ରହେର ଉଦ୍‌ଘୋଷ କରାଯାଇଥିଲା । ଅଧ୍ୟକ୍ଷ ଏବଂ ଏମ.ଡବ୍ଲ୍ୟୁ.ଓ ଶତ୍ରୁଘ୍ନ ଓଝା କେକ୍ କାଟି ସମସ୍ତଙ୍କର ଗହଣରେ ବାୟୁସେନା ଦିବସ ସେଲିବ୍ରେସନ କରିଥିଲେ । ସୂଚନାଯୋଗ୍ୟ ଯେ ୮ ଅକ୍ଟୋବର ୧୯୩୨ ମସିହାରେ ଆମ ଦେଶରେ ବାୟୁସେନାର ପ୍ରତିଷ୍ଠା ହୋଇଥିଲା । ଏହି ପ୍ରତିଷ୍ଠା ଦିବସରେ ବାୟୁସେନାର ବାୟୁ ବୀରମାନଙ୍କୁ ମନେ ପକାଇବା ପାଇଁ ପୁରା ଦେଶରେ ବାୟୁସେନା ଦିବସ ପାଳନ କରାଯାଇ ଥାଏ । କେନ୍ଦ୍ରାପଡ଼ା ଜିଲ୍ଲାର ପୂର୍ବତନ ସୈନିକ ସଂଘ ଅଧ୍ୟକ୍ଷ ଏବଂ ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ର ସଙ୍ଗଠନ ତରଫରୁ ବାୟୁସେନାର ବାୟୁବୀର ସଦସ୍ୟମାନଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ସଙ୍ଗଠନରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ସଦସ୍ୟ ସୁବେଦାର ମେଜର ଜୟନ୍ତ କୁମାର ସାହୁ, ଏମ୍.ଡବ୍ଲ୍ୟୁ.ଓ ମନୋଜ କୁମାର ବାରିକ, ଏମ୍.ଡବ୍ଲ୍ୟୁ.ଓ ମନୋଜ କୁମାର ବାରିକ ଭାଇଙ୍କ ଧର୍ମପତ୍ନୀ ଶଶିକଳା ବାରିକ, ସୁବେଦାର ରାଜକିଶୋର ସ୍ୱାଇଁ, ହାବିଲଦାର ସୁଶାନ୍ତ କୁମାର ନାୟକ, ନାଏବ ସୁବେଦାର ହରେକୃଷ୍ଣ ସାମଲ, ସୁବେଦାର ମେଜର ବିଚିତ୍ର କୁମାର ନାୟକ ଏବଂ ସୁବେଦାର ମେଜର ପ୍ରଦୀପ କୁମାର ଦାସ ପ୍ରମୁଖଙ୍କୁ ଅଧ୍ୟକ୍ଷ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବାୟୁସେନାର ବାୟୁବୀରମାନେ ମଧ୍ୟ ସମସ୍ତ ସଦସ୍ୟମାନଙ୍କୁ ଏକ ଗୋଲାପ ଫୁଲ ଏବଂ ଏକ କଲମ ସମସ୍ତ ସଦସ୍ୟମାନଙ୍କୁ ଏବଂ ଉପସ୍ଥିତ ସମାଜ ସେବୀମାନଙ୍କୁ ପ୍ରଦାନ କରି ସ୍ୱାଗତ ପ୍ରଦାନ କରିଥିଲେ । ବାୟୁସେନା ବିଗତ ବର୍ଷମାନଙ୍କରେ କିପର ଅସାଧାରଣ କାର୍ଯ୍ୟ କରିଛି ସେ ବିଷୟରେ କ୍ୟାପଟେନ ବାନାମ୍ବର ସ୍ୱାଇଁ ଏବଂ ଏମ୍.ଡବ୍ଲ୍ୟୁ.ଓ ମନୋଜ କୁମାର ବାରିକ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ପୂର୍ବ ବରିଷ୍ଠ ସଲାହାକାର ମହେଶ୍ୱର କର, ହାବିଲଦାର ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ସୁବେଦାର ମେଜର ଗୌରାଙ୍ଗ ଚରଣ ସ୍ୱାଇଁ, ନାଏବ ସୁବେଦାର ଅର୍ଜ୍ଜୁନ କୁମାର ମୁଦୁଲି, ନାଏକ ଶକ୍ତିକାନ୍ତ ସ୍ୱାଇଁ, ଯେ.ଡବ୍ଲ୍ୟୁ.ଓ. ତୁଷାରକାନ୍ତ ମହାପାତ୍ର, ଏସ୍.ଜି.ଟି. କୃଷ୍ଣଚନ୍ଦ୍ର ରାଉତ, ଭେଟେରାନ ଦିପକ କୁମାର ପତି, ଏସ୍.ଜି.ଟି. ଭାଗବତ ପ୍ରସାଦ ନାୟକ, ଏସ୍.ଜି.ଟି. ଜିତେନ୍ଦ୍ର କୁମାର ପଣ୍ଡା, ଭେଟେରାନ ସନ୍ତୋଷ କୁମାର ପରିଡ଼ା, ଯେ.ଡବ୍ଲ୍ୟୁ.ଓ ଅକ୍ଷୟ କୁମାର ସାହୁ, ଭେଟେରାନ ରାଜକିଶୋର ସ୍ୱାଇଁ, ଏସ୍.ଜି.ଟି. ପ୍ରଶାନ୍ତ କୁମାର ଜେନା ଏବଂ ସମାଜ ସେବି ରଣଜିତ ସିଂହ ଏବଂ ଅନ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ସୁବେଦାର ମେଜର ପ୍ରଦିପ କୁମାର ସାହୁ ।

# ବିବିଧା

ସାକ୍ଷାତକାର



# "ଦର୍ଶକଙ୍କ ପସନ୍ଦର ଚରିତ୍ର ମୋ ଡ୍ରିମ୍‌ରୋଲ"

ଲୋଟନ ଖଟେଇ, ଅଭିନେତା

**ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ଉଭୟ ଧାରାବାହିକ ଓ ଚଳଚ୍ଚିତ୍ରରେ ନିଜର ଭାଗ୍ୟ ପରୀକ୍ଷା କରିସାରିଛନ୍ତି ଯୁବ ଅଭିନେତା ଲୋଟନ ଖଟେଇ । ଜନ୍ମ ତାଙ୍କର ଶ୍ରୀକ୍ଷେତ୍ର ଧାମରେ ହେଲେ ପଶ୍ଚିମ ବଙ୍ଗ ସହିତ ରହିଛି ତାଙ୍କର ଘନିଷ୍ଠ ସମ୍ପର୍କ । ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଧାରାବାହିକ 'ସିନ୍ଦୂରର ଅଧିକାର'ରୁ ଡେବ୍ୟୁ କରି ପରେ ସେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟିଦେଇଛନ୍ତି 'ମୁରବୀ' ଭଳି ଲୋକପ୍ରିୟ ସିନେମା । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଲୋଟନଙ୍କ ମୁହଁରୁ ଜାଣିବା ତାଙ୍କର ସଂଘର୍ଷର କାହାଣୀ ।**

ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?

- ଭଲ କଳାକାର ହେବାର ଇଚ୍ଛା ଥିଲେ ବି ଉପଯୁକ୍ତ ପ୍ଲାଟ୍‌ଫର୍ମ ସମସ୍ତଙ୍କୁ ମିଳିପାରେନି । ମୁଁ ଜଣେ ମେକାନିକାଲ ଇଞ୍ଜିନିୟର । ଚାକିରି କରୁଥିଲି । ହେଲେ କଳାକାର ହେବାର ଆଗ୍ରହ ମୋତେ ଚାକିରି ଜୀବନରେ ବେଶୀ ଦିନ ବାନ୍ଧି ରଖିପାରିନଥିଲା । ୨୦୧୮ ମସିହାରେ ମୁମ୍ବାଇ ଯାଇ ମଞ୍ଚରେ ଯୋଗଦେଲି । କରୋନା ହେଲା, ଓଡ଼ିଶା ଫେରି ଆସି ପୁରୀର 'ଅନ୍ନପୂର୍ଣ୍ଣା ଥିଏଟର'ରେ ମଞ୍ଚ ନାଟକ କଲି । ଧୀରେ ଧୀରେ ଲୋକସମ୍ପର୍କ ବଢ଼ିଲା । ଅଡିସନ୍ ପାଇଁ ପ୍ରସ୍ତୁତ ହେଲି । ସୌଭାଗ୍ୟବଶତଃ 'ସିନ୍ଦୂରର ଅଧିକାର' ଧାରାବାହିକରେ 'ଡଲି' ଭଳି ଏକ ଚମତ୍କାର ଚରିତ୍ର ମୋତେ ମିଳିଥିଲା । ସେହି ଚରିତ୍ରଟିକୁ ଆଜି ବି ମୋ ପାଇଁ ସ୍ମରଣୀୟ ହୋଇରହିଛି । ଏହା ସହିତ କିଛି ବିଜ୍ଞାପନରେ ମଧ୍ୟ କାମ କରିବାକୁ ସୁଯୋଗ କରିଛି ।

ଲାଇଟ୍, କ୍ୟାମେରା, ଆକ୍ସନ୍ ଅନୁସାରେ କାମ କରିବା ସହଜ ଥିଲା?

- ଜଣେ କଳାକାର ପାଇଁ ଅଭ୍ୟାସ ହେଉଛି ସବୁକିଛି । ମଞ୍ଚରେ ଆମକୁ ଚରିତ୍ରକୁ କେମିତି ଜୀବନ୍ତ କରିବାକୁ ହୁଏ, ଟେକ୍ନିକାଲ ଜ୍ଞାନ ଆଦି ସବୁକିଛି ଶିଖାଯାଇଥାଏ । ତେଣୁ ଲାଇଟ୍, କ୍ୟାମେରା, ଆକ୍ସନ ସୂତ୍ରରେ କାମ କରିବାକୁ କଷ୍ଟ ହୋଇନଥିଲା ।

ଧାରାବାହିକରୁ ବଡ଼ ପରଦାର ଯାତ୍ରା କେମିତି ଥିଲା?

- 'ସିନ୍ଦୂରର ଅଧିକାର' ପରେ 'ଝିଅ ଆମର ନୂଆ ବୋହୂ', 'ସାଥିରେ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ପଜିଟିଭ୍ ଆଉ ନେଗେଟିଭ୍ ଉଭୟ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛି । ପରବର୍ତ୍ତୀ ସମୟରେ ତରଙ୍ଗର ଟେଲିଫିଲ୍ମ 'ଶାଶୂ ବୋହୂ ଫୁଡ୍ ଏକ୍ସପ୍ରେସ୍', 'ମିଷ୍ଟିର ଦୁଷ୍ଟାମୀ' ଆଦି ଅନେକ ଟେଲି ଫିଲ୍ମ ସହିତ 'କୁହୁଡ଼ି', 'ଯାଯାବର ୨.୦', 'ମୁରବୀ' ପରି ଏକ ବାସ୍ତବଧର୍ମୀ ସିନେମାରେ ଅଭିନୟ କରିଛି ।

କେଉଁ ଚରିତ୍ର ଆପଣଙ୍କ କ୍ୟାରିୟର ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା ?

- 'ମୁରବୀ' ସିନେମାର ଢ୍ୱାଇଁ ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ଏଥିରେ ମୁଁ ବରିଷ୍ଠ ଅଭିନେତା କୁନା ତ୍ରିପାଠୀଙ୍କ ଢ୍ୱାଇଁ ସୁରଜ ଭୂମିକାରେ ଅଭିନୟ କରିଥିଲି । ଏହି ଚରିତ୍ରଟି କରିବାକୁ ମୁଁ ବହୁତ ପରିଶ୍ରମ କରିଥିଲି । ସିନେମା ନିର୍ମାତାଙ୍କ ମାର୍ଗଦର୍ଶନ ହିଁ ଚରିତ୍ରଟି ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲା । ମୋ ପାଇଁ ଚରିତ୍ର ଛୋଟ କି ବଡ଼ ନୁହେଁ, ଚରିତ୍ର କେତେ ଦମ୍‌ଦାର ହେବ ତା' ଉପରେ ମୁଁ ଗୁରୁତ୍ୱ ଦିଏ ।

ଚରିତ୍ରକୁ ଜୀବନ୍ତ କରିବାକୁ ଲୋଟନ କ'ଣ କରନ୍ତି?

- ଧାରାବାହିକ ହେଉ କି ଫିଲ୍ମର ନିର୍ମାତାଙ୍କ ସମ୍ମୁଖରେ ଜଣେ କଳାକାର ପୂରା ନଗ୍ନ । ଅର୍ଥାତ୍ ସେମାନେ ଯେଉଁପରି ନିର୍ଦ୍ଦେଶନା ଦେବେ, କଳାକାର ସେହି ଚରିତ୍ର ଅନୁସାରେ କାମ କରିଥାନ୍ତି । ତେଣୁ କଳାକାର ପାଇଁ ତା'ର ଚରିତ୍ର ହେଉଛି ଗୁରୁତ୍ୱପୂର୍ଣ୍ଣ । ମୋତେ ମିଳିଥିବା ଚରିତ୍ର ସାମ୍ନାରେ ମୁଁ ଲୋଟନ ବୋଲି ନିଜକୁ ଭୁଲି ଚରିତ୍ର ଭିତରେ ପଶିଯାଏ । ଏଥିପାଇଁ ପ୍ରତ୍ୟେକ ଦିନ ଅଭ୍ୟାସ ମଧ୍ୟ ଜାରି ରଖେ ।

ସୁଟିଂ ନଥିଲେ କ'ଣ କରନ୍ତି?

- ଏକାକୀ ଟ୍ରାଭଲ୍ କରିବା ମୋତେ ପସନ୍ଦ ।

ଆଗାମୀ ଯୋଜନା?

- ବାସ୍ତବ କାହାଣୀ, ଭଲ ସ୍କ୍ରିପ୍ଟକୁ ନେଇ ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି । ତା' ସହିତ ଆଗାମୀ ଦିନରେ ମୁମ୍ବାଇରେ କାମ କରିବାକୁ ଯୋଜନା ରଖି ପ୍ରସ୍ତୁତ ଜାରି ରହିଛି ।

ସଫଳତାର ଶ୍ରେୟ କାହାକୁ ଦେବେ?

- ବାପା ମା'ଙ୍କ ଆଶୀର୍ବାଦ ଆଉ ନିଜର କଠିନ ପରିଶ୍ରମ ।

ଡ୍ରିମ୍‌ରୋଲ୍?

- ଡ୍ରିମ୍‌ରୋଲ ଶବ୍ଦ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଜଣେ କଳାକାର ହିସାବରେ ମୋତେ ମିଳିଥିବା ଚରିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁଲେ ସେହି ଚରିତ୍ରଟି ମୋ ପାଇଁ ଡ୍ରିମ୍‌ରୋଲ୍ ହୋଇଯିବ ।

ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ ବାର୍ତ୍ତା ଦେବେ?

- କିଛି ଜଣ ନାଁ, ଟଙ୍କା ପାଇଁ ଏ ଲାଇନକୁ ଆସନ୍ତି । ଏହା କ୍ୟାରିୟର ଉପରେ ପ୍ରଭାବ ପକାଏ । ମୋ' ମତରେ କଳାରେ ଜିଇଁ କଳାରେ ମରିବାର ଉଦ୍ଦେଶ୍ୟ ରଖି ଏ ଲାଇନ୍‌କୁ ଆସିବା ଦରକାର । ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବା ସହିତ ଅଭ୍ୟାସ, କଠିନ ପରିଶ୍ରମ ଏବଂ ଭଲ ଅଭିନୟ କରିଲେ ଜଣେ ଏହି ଲାଇନ୍‌ରେ ତିଷ୍ଠି ପାରିବ । ■

## 'ଦେବକନ୍ୟା'ରେ ଘୋଡ଼ାନାଚ କାହାଣୀ




ନିକଟରେ ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗ୍ୟାଲେରିଆଠାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ପୋଷ୍ଟର ଉନ୍ମୋଚନ ସହିତ ଟ୍ରେଲର ଏବଂ ଗୀତ ରିଲିଜ୍ ହୋଇଯାଇଛି । ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି । ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ କାହାଣୀ ଓ ଚିତ୍ରନାଟ୍ୟ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି (ସିଲୁ) । ସୁଦର୍ଶନ ସେନାପତି ଚିତ୍ରଗ୍ରହଣ କରିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି । ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ । ପୁରୀ ମାଟିର ପାରମ୍ପରିକ ଘୋଡ଼ାନାଚକୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର ଜୀବନକୁ କେନ୍ଦ୍ର କରି ଏହି କାହାଣୀ ଗତିଶୀଳ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଚଳଚ୍ଚିତ୍ରରେ ଗୁରୁତ୍ୱ ଦିଆଯାଇଛି । ପୋଷ୍ଟର, ଟ୍ରେଲର ଓ ଗୀତ ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ିଛି । ଆସନ୍ତା ନଭେମ୍ବରରେ 'ଦେବକନ୍ୟା' ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି । ■

## ଦଶହରାରେ ଅର୍ଦ୍ଧେନ୍ଦୁଙ୍କ 'ଗେମ୍ ଓଭର୍'

ଏଥର ଦଶହରା ବଜାରରେ ଯନ୍ତାଳ ମାଡ଼ରେ ଧୂଳି ଉଡ଼ିବ । ଆଉ ଧୂଳି ଉଡ଼ାଇବେ ଓଲିଉଡ୍‌ର ଅର୍ଦ୍ଧେନ୍ଦୁ ସାହୁ । ତାଙ୍କୁ ସାଥ୍ ଦେବେ ସାଉଥ୍ ସୁପରଷ୍ଟାର୍ ପୁଷ୍ପରାଜ ଆଲୁ ଅର୍ଜ୍ଜୁନଙ୍କ କୋରିଓଗ୍ରାଫର୍ ଉର୍ବଶୀ ଚୌହାନ । ଦଶହରାରେ ଦର୍ଶକଙ୍କ ପାଇଁ 'ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ' ବ୍ୟାନରରେ ଅର୍ଦ୍ଧେନ୍ଦୁ ନେଇ ଆସୁଛନ୍ତି 'ଗେମ୍ ଓଭର୍' । ଏହାର ଆଇଟମ୍ ଗୀତ 'ଯନ୍ତାଳ' ଏବେ ଟ୍ରେଣ୍ଡିଂରେ ଅଛି । ଏହି ଗୀତଟି ମନୋଜ କୁମାର ପଣ୍ଡା ଲେଖିଥିବା ବେଳେ ତାକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ ତ୍ରିପାଠୀ । ଗୀତଟିକୁ ଗାଇଛନ୍ତି କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅନୁରାଗ ଦାସ । କୋରିଓଗ୍ରାଫି କରିଛନ୍ତି ଲୋକପ୍ରିୟ କୋରିଓଗ୍ରାଫର ଅମିତ ନାୟକ । ଏଥିରେ ଅର୍ଦ୍ଧେନ୍ଦୁ, ସୁପ୍ରିୟାଙ୍କ ସହିତ କୁନା ତ୍ରିପାଠୀ, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ଉଦିତ ଗୁରୁ, ବିଭାସ, ଅଂଶୁମାନ, ଓ ପ୍ରୀତିରଞ୍ଜନ ପ୍ରଧାନ ଅଭିନୟ କରିଛନ୍ତି । ବର୍ତ୍ତମାନ ଓଲିଉଡ୍ ଟାଉନ୍‌ରେ ଚର୍ଚ୍ଚା ଦଶହରାରେ ଘୋ ଘା କରିବେ ଅର୍ଦ୍ଧେନ୍ଦୁ । କାରଣ ସେ କେବଳ ଏ ଗୀତ ନୁହେଁ, ପୂରା ସିନେମାରେ ଭିନ୍ନ ଲୁକ୍ ସହ ଚରିତ୍ରରେ ନଜର ଆସୁଛନ୍ତି । ଯାହା ତାଙ୍କ କ୍ୟାରିଅରରେ ଆଉ ଏକ ମାଇଲଖୁଣ୍ଟ ହୋଇ ରହିବ । ତେବେ ଦେଖାଯାଉ ଅର୍ଦ୍ଧେନ୍ଦୁ ଦଶହରାରେ କାହାର ଗେମ୍ ଓଭର୍ କରିବେ । ■






## ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ: ସିନେମା ଘର

ଫିଲ୍ମ ତିଆରି ହେଉଛି, କିନ୍ତୁ ଦେଖାଯିବ କେଉଁଠି? ଏହା ଆଜିର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସବୁଠାରୁ ବଡ଼ ପ୍ରଶ୍ନ । ଫିଲ୍ମ ତିଆରି ହେବା ପରେ ଯଦି ଉପଯୁକ୍ତ ସ୍କ୍ରିନ୍ ନମିଳେ, ତେବେ ସମଗ୍ର ଆର୍ଥିକ ଚକ୍ର ଅଟକିଯାଏ । ଏହି ସଙ୍କଟରୁ ମୁକୁଳିବାର ଚିନ୍ତାରୁ 'ସିନେମା ଘର'ର ପରିକଳ୍ପନା । ଓଡ଼ିଶାର ଘରେ ଘରେ ଓଡ଼ିଆ ସିନେମା ପହଞ୍ଚାଇବା ପାଇଁ 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମିଶ୍ର ଏବଂ ମାନସ ସୁବୁଦ୍ଧି ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଘୋଷଣା କରିଥିଲେ । ଯେଉଁଠି ସ୍ଥାୟୀ ସିନେମା ହଲ୍ ନାହିଁ, ସେଠାରେ ଉପଲବ୍ଧ ହଲ୍, ଅଡିଟୋରିୟମ୍, କମ୍ୟୁନିଟି ହଲ୍ କିମ୍ବା ଉପଯୁକ୍ତ ବଡ଼ ସ୍ଥାନକୁ ଆଧୁନିକ ଉପକରଣରେ ସଜାଇ ସିନେମା ପ୍ରଦର୍ଶନ କରିବା । 'ସିନେମା ଘର'ର ଆଉ ଏକ ଆକର୍ଷଣ ହେଉଛି ସୁଲଭ ଟିକେଟ୍ । ପୂର୍ବରୁ ପରଦା ଓ ପ୍ରୋଜେକ୍ଟର୍ ନେଇ ସିନେମା ଗାଁକୁ ଯାଉଥିଲା; ଆଜି ସେହି ଚିନ୍ତା ଏଚ୍.ଡି. ଏଲ୍.ଇ.ଡି, ଡିଜିଟାଲ୍ ସାଉଣ୍ଡ ଓ ଆଧୁନିକ ପ୍ରଯୁକ୍ତି ସହ ପୁଣି ଫେରିପାରେ । ଏହି ଦୃଷ୍ଟିରୁ 'ସିନେମା ଘର'କୁ ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ ବୋଲି କୁହାଯାଇପାରେ । ଏହି ପ୍ରୋଜେକ୍ଟ ଓଡ଼ିଆ ସିନେମା ପ୍ରଯୋଜକମାନଙ୍କ ପାଇଁ ଆର୍ଥିକ ଦିଗକୁ ସ୍ୱଚ୍ଛଳ କରିବା ସହିତ ଓଡ଼ିଶାର କୋଣ ଅନୁକୋଣରେ ଦର୍ଶକ ଓଡ଼ିଆ ସିନେମା ଦେଖି ପାରିବେ ବୋଲି 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ରୀ ମିଶ୍ର କହିଛନ୍ତି । ସହରରୁ ଗାଁ-ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ ସିନେମା ପ୍ରେମୀଙ୍କୁ ଯୋଡ଼ିବାର ଏକ ନିଆରା ପ୍ରୟାସ 'ସିନେମା ଘର' । ■

## ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସୁଛି 'ହାଣ୍ଡିଆ ଭାଟି'

### ସରିଲା ସୁଟିଂ, ଚାଲିଛି ପୋଷ୍ଟ ପ୍ରଡକ୍ସନ୍ କାମ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ହାଣ୍ଡିଆ ଭାଟି'ର ଶୁଭ ମହୁରତ୍ ଗତ ୩ ତାରିଖ ଦିନ ଅନୁଷ୍ଠିତ ହେବା ସହ ଏହାର ଟାଇଟଲ୍ ଘୋଷଣା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି । ବର୍ତ୍ତମାନ ଫିଲ୍ମର ସୁଟିଂ ଶେଷ ହୋଇଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି । ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ର ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି 'ହାଣ୍ଡିଆ ଭାଟି' ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଦୀପକ କୁମାର ସ୍ୱାଇଁ ଏବଂ ଶୀଲାରାଣୀ ନାୟକଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଅନିଲ ବୋଇତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ସତ୍ୟଜିତ୍ ଥିବା ବେଳେ, ସେ ମଧ୍ୟ ଏହାର ସଙ୍ଗୀତ, ସଂଳାପ, ଚିତ୍ରନାଟ୍ୟ ଏବଂ ଡିଓପି (DOP) ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ସତ୍ୟଜିତ୍ ଏବଂ ଅମର କ୍ରିଷ୍ଣା । ସେହିପରି ଫିଲ୍ମର ସଙ୍ଗୀତ ସଂଯୋଜନା ଏବଂ ଆବହ ସଙ୍ଗୀତ (BGM) ଦାୟିତ୍ୱରେ ଅଛନ୍ତି ସୁଭାଷିଷ କୁମାର । ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ସୁଜିତ ସିଂହ ରହିଛନ୍ତି । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦର୍ଶକମାନେ ଜୟଶ୍ରୀ ସଡଙ୍ଗୀ, ତାପସ ପାଣିଗ୍ରାହୀ ଏବଂ ଦେବକନ୍ୟାଙ୍କୁ ଦେଖିବାକୁ ପାଇବେ । ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ବିଶ୍ୱଜିତ ମଲ୍ଲିକ, ମନୋଜ ମହାନ୍ତି, ପ୍ରମିଳା ଜେନା, ବରିଷ୍ଠ ଅଭିନେତା ଅଂଶୁମୋଚନ ମହାନ୍ତି, ବିଭାସ , RJ KP ଏବଂ ଉଦିତ ଗୁରୁଙ୍କ ସମେତ ଆହୁରି ଅନେକ ପ୍ରତିଭାବାନ କଳାକାର ଅଭିନୟ କରିଛନ୍ତି । ଭୁବନେଶ୍ୱର ସ୍ଥିତ 'ଅକ୍ସଫୋର୍ଡ ଆଡଭର୍ଟାଇଜିଂ'ର ଅଶୋକ କୁମାର ସ୍ୱାଇଁ ଏବଂ ଆରତୀ ସ୍ୱାଇଁ ଏହି ଚଳଚ୍ଚିତ୍ରର ମିଡିଆ ପାର୍ଟନର (ଗଣମାଧ୍ୟମ ସହଯୋଗୀ) ଦାୟିତ୍ୱ ନିର୍ବାହ କରୁଛନ୍ତି । ଚଳଚ୍ଚିତ୍ର ନିର୍ମାଣରେ ସ୍ୱତନ୍ତ୍ର ସହଯୋଗ ପାଇଁ ଦେବାଶିଷ ରଥ ଏବଂ ମାନସ ନାୟକଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରାଯାଇଛି । ଖୁବ୍ ଶୀଘ୍ର ଏହାର ଅଡିଓ ଏବଂ ଟ୍ରେଲର ରିଲିଜ୍ କରାଯିବ । ଏହି ନୂଆ ଚଳଚ୍ଚିତ୍ରକୁ ଦର୍ଶକମାନେ ଭରପୂର ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶାବ୍ୟକ୍ତ କରିଛନ୍ତି । ■



## 'ଗୃହଲକ୍ଷ୍ମୀ' ଆରମ୍ଭ



ଅକ୍ଟୋବର ୨୦ ତାରିଖରୁ 'ଜୀ-ସାର୍ଥକ'ରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଗୃହଲକ୍ଷ୍ମୀ' । ସାଧାରଣ ଘରୋଇ ମହିଳାମାନଙ୍କ ଭିତରେ ଲୁଚି ରହିଥିବା ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି 'ଗୃହଲକ୍ଷ୍ମୀ' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଶୋ'ର ପରିକଳ୍ପନା ବେଶ୍ ନିଆରା । ଏଥିରେ ଦୁଇ ପିଢ଼ିର ବିବାହିତା ମହିଳାମାନେ ଅଂଶଗ୍ରହଣ କରିଛନ୍ତି । ଯେଉଁଥିରେ 'ସାନ ଭାଉଜ' (୨୦ ରୁ ୩୦ ବର୍ଷ) ଏବଂ 'ବଡ଼ ଭାଉଜ' (୩୧ ରୁ ୪୦ ବର୍ଷ) ଏକାଠି ମଞ୍ଚକୁ ଆସିବେ । ଏହା କେବଳ ଏକ ସାଧାରଣ ପ୍ରତିଯୋଗିତା ନୁହେଁ, ବରଂ ଘରକରଣାର ବିଭିନ୍ନ ଦକ୍ଷତା । ପ୍ରତିଯୋଗୀମାନେ ନିଜର ଦକ୍ଷତା ମାଧ୍ୟମରେ ପ୍ରମାଣିତ କରିବେ ଯେ, ସେମାନେ କାହିଁକି ଏକ ପ୍ରକୃତ 'ଗୃହଲକ୍ଷ୍ମୀ' । ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିମତା ଅନୁସାରେ ବିଭିନ୍ନ ଖେଳ କରାଯାଉଛି । ବିଚାରପତି ଆସନରେ ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଅଭିନେତା ପୁପିନ୍ଦର ରହିଛନ୍ତି । ସେପଟେ ପ୍ରତିଯୋଗୀମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ପାଇଁ ମେଣ୍ଟର ଭାବରେ ଅନିଶା ମହାକୁଡ଼ ଏବଂ ପିଙ୍କି ପ୍ରଧାନ ନଜର ଆସିଛନ୍ତି । ସେହିପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିଜର ସୁନ୍ଦର ଉପସ୍ଥାପନା ଶୈଳୀରେ ବାନ୍ଧି ରଖିଛନ୍ତି ଆଙ୍କର ଲୋରିଆ ମହାନ୍ତି । ପ୍ରତି ଶନିବାର ଏବଂ ରବିବାର ରାତି ୯ଟା ୩୦ରେ ପ୍ରସାରଣ ହେବ । ■

ଉତ୍କଳ ସମାଚାର

## ସମ୍ପାଦକୀୟ...

**ସୋମବାର ୧୨ ଅକ୍ଟୋବର ୨୦୨୬**

# ଈଶ୍ୱରଙ୍କ ଚିତ୍ର

ଅସାମାନ୍ୟ ସାହସ ଦେଖାଇଥିବା ପାଇଲଟ ସ୍ମିତ ମଚ୍ଛରଙ୍କ 'ଫ୍ଲାଏଦୁବାଇ' ଏୟାରଲାଇନ୍ ?ସରେ ନିଯୁକ୍ତି ଓ ସେ ଦିନ ସେହି ବିମାନରେ ଡ୍ୟୁଟି, 'ପ୍ଲେନ କ୍ରାସ ଇନଭେଷ୍ଟିଗେସନ୍ ?ସ' ନାମକ ଧାରାବାହିକ ଟେଲିଭିଜନରେ ଦେଖି ତହିଁରୁ ଆହରଣ କରିଥିବା ସାମାନ୍ୟ ଓ ସ୍ୱଷ୍ଟ-ଅସ୍ୱଷ୍ଟ ଜ୍ଞାନ ବଳରେ ଅଗତ୍ୟା 'ଲିଭର' ଦୁଇଟିକୁ ଟେକି ଦେଇ ବିମାନକୁ ଭୂପତିତ ହେବାରୁ କ୍ଷଣିକେ ରକ୍ଷା କରିଥିବା ପ୍ଲମ୍ବର ୟାନିଭ ହାୟୁନଙ୍କ ସେହି ବିମାନରେ ଉପସ୍ଥିତି ଏବଂ ଯାତ୍ରୀ ଭାବେ ଦୁଇ ଅଭିଜ୍ଞ ପାଇଲଟଙ୍କ ସେହି ବିମାନରେ ଯାତ୍ରା ହେଉଛି ସେହି ସବୁ ବିନ୍ଦୁ ଯାହାକୁ ଯୋଡ଼ିଲେ ଈଶ୍ୱରଙ୍କ ଅପୂର୍ବ ଭିଆଣକୁ ଦେଖି ହୁଏ । ଗଲା ସେପ୍ଟେମ୍ବର ୩୦ ତାରିଖରେ, ୧୭୪ ଜଣ ଯାତ୍ରୀଙ୍କୁ ଘେନି ଦୁବାଇରୁ ତେଲ ଅଭିଭ (ଇସ୍ରାଏଲ) ଅଭିମୁଖେ ଯାତ୍ରା କରୁଥିବା ବୋଇଂ ୭୩୭ ମାକ୍ସ (ଏଫ ଜେଡ୍ ୧୦୭୩)ରେ ସଂଘଟିତ ଏକ ଘଟଣା ସମଗ୍ର ପୃଥିବୀକୁ ତଟସ୍ଥ କରିଦେଇଛି; କେବଳ ସେତିକି ନୁହେଁ, ତା' ସହିତ ବିମାନ ଯାତ୍ରାର ନିରାପନ୍ନା, ବିଶ୍ୱାସ ଭଙ୍ଗ, ଅସାମାନ୍ୟ ସାହସ ଓ ଅଲୌକିକତା ଆଦିକୁ ନେଇ ଆଲୋଚନା, ପ୍ରଶ୍ନ ଓ ତର୍କ ଆଦିର ଜୁଆର ସୃଷ୍ଟି କରିଛି । କହିବା ବାହୁଲ୍ୟ ଯେ ଏହି ସଂଦର୍ଭଟି ସମସ୍ତ ଭାରତୀୟଙ୍କ ସକାଶେ ମଧ ଗର୍ବବୋଧର ବିଷୟ ହୋଇଥାଏ, କାରଣ ସୁଖକର ସମାପ୍ତି ସହିତ ଯବନିକା ପଡ଼ିଥିବା ଏହି ନାଟକର ମହାନାୟକ ହେଉଛନ୍ତି ତହିଁରେ ଥିବା ଭାରତୀୟ ପାଇଲଟ ସ୍ମିତ ମଚ୍ଛର । ବିମାନ ଉଡ଼ାଣର ଇତିହାସରେ ଅଭୂତପୂର୍ବ ଏଭଳି ଏକ ଘଟଣା ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ?ଆଲୋଚନା ଏଠାରେ ପ୍ରାସଙ୍ଗିକ ହୋଇଥାଏ । ଏତେ ବେଳକୁ ଘଟଣାଟି ପ୍ରାୟ ସର୍ବଜନବିଦିତ ହୋଇଯାଇଥିଲେ ହେଁ ଅତି ସଂକ୍ଷେପରେ ତା'ର ଅବତାରଣା କରାଯାଇପାରେ । ଶଂସିତ ବିମାନର ନିଭୃତ କକ୍‌ପିଟରେ, କ୍ୟାପଟେନ ସ୍ମିତ ମଚ୍ଛର ତାଙ୍କ ସହ-ପାଇଲଟର ସଶସ୍ତ୍ର ଆକ୍ରମଣରେ ଗୁରୁତର ଭାବେ ଆହତ ହୁଅନ୍ତି ସିନା, ସଂଘର୍ଷ କରି ଭିତରୁ କିଳା ଯାଇଥିବା କକପିଟ ଦରଜାକୁ ଖୋଲି ଦିଅନ୍ତି । କକପିଟ ଭିତରେ ଅସ୍ୱାଭାବିକ ଚିତ୍କାର ଶୁଣି ସେତେବେଳକୁ ଜାଗ୍ରତ ହୋଇଯାଇଥିବା ଯାତ୍ରୀମାନେ ତତ୍‌କ୍ଷଣାତ୍ ଭିତରକୁ ପଶି ସେହି ଉଦ୍‌ଭ୍ରାନ୍ତ ପାଇଲଟକୁ ନିଷ୍କ୍ରିୟ କରି ଦିଅନ୍ତି, ଯିଏ ସେତେବେଳକୁ ବିମାନ ଚାଳନାକୁ ଅକ୍ତିଆର କରିସାରିଥାଏ ଓ ବିମାନଟି ଶବ୍ଦର ବେଗ ସହିତ ସମତୁଲ ବେଗରେ ତଳମୁହାଁ ହୋଇ ଖସି ଚାଲିଥାଏ । ଜଣାପଡ଼ିଛି ଯେ ମାତ୍ର ୨୦ ସେକେଣ୍ଡ ମଧ୍ୟରେ ବିମାନଟି ନିମ୍ନଗାମୀ ହୋଇଥିଲା ୧୭ ହଜାର ଫୁଟ । ତେବେ, ଘଟଣା କ୍ରମେ ସ୍ଥିତିକୁ ନିୟନ୍ତ୍ରଣକୁ ଅଣାଯାଏ ଏବଂ ବିମାନକୁ ନିରାପଦରେ ଅବତରଣ କରାଯାଏ । ଏହି ପ୍ରକରଣରେ ଅନିର୍ବଚନୀୟ ଭୂମିକା ନିର୍ବାହ କରନ୍ତି ଯଥାକ୍ରମେ ଜଣେ ସାଧାରଣ ପ୍ଲମ୍ବର (ପାଣି ପାଇପ ମିସ୍ତ୍ରି) ଓ ଯାତ୍ରୀ ଭାବେ ବିମାନରେ ଉପସ୍ଥିତ ଥିବା ଦୁଇ ଜଣ ଅଭିଜ୍ଞ ପାଇଲଟ । ସୁତରାଂ, ତିନି ନାୟକଙ୍କ ଅବଦାନରେ ଏକ ସୁନିଶ୍ଚିତ ବିପର୍ଯ୍ୟୟ ଅବଲୀଳା କ୍ରମେ ଏକ ସୁଖାନ୍ତକ କାହାଣୀ ସୃଷ୍ଟି କରେ । ତେବେ, ଖୁବ୍‌ଶୀଘ୍ର, ଏହି ଘଟଣା, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ଦ୍ୱାରା ଏକ ଆତଙ୍କବାଦୀ ଆକ୍ରମଣ ରୂପେ ଚିହ୍ନିତ ହେବା ମଧ ସନ୍ଦେହ, ସଂଶୟ ଓ ସମାଲୋଚନାର ସୂତ୍ରପାତ କରିଛି । କାରଣ, ନେତନ୍ୟାହୁଙ୍କ ଏଭଳି ଘୋଷଣା ବେଳକୁ ସନ୍ଦିଗ୍ଧ ପାଇଲଟର ଜାତୀୟତା ଓମାନୀ ବୋଲି ଏକ ସୂଚନା ବ୍ୟତୀତ ଆଉ କୌଣସି ତଥ୍ୟ ତାଙ୍କ ହସ୍ତଗତ ହୋଇ ନ ଥିବ ! ସୁତରାଂ, ଅଭିଯୁକ୍ତର ଅଭିସନ୍ଧି ପଛରେ ଅପହରଣ ନା ଆତ୍ମଘାତ ନା ଆତଙ୍କବାଦ ନିହିତ; ତାହା କୁହାଯିବା ସମ୍ଭବ ନୁହେଁ (ଏହା ଲେଖା ହେବା ବେଳକୁ ମଧ ତାହା ସ୍ୱଷ୍ଟ ହୋଇନାହିଁ) । ଅବଶ୍ୟ, ଓମାନ ହେଉଛି ଇସ୍ରାଏଲର ଜାତ ଶତ୍ରୁ ଇରାନର ଏକ ମିତ୍ର ରାଷ୍ଟ୍ର, ଯାହା ଏ ଯାବତ୍ ଇସ୍ରାଏଲକୁ ସ୍ୱୀକୃତି ପ୍ରଦାନ କରିନାହିଁ । କିନ୍ତୁ, କେବଳ ଏତିକି ମାତ୍ର ସୂଚନାରୁ ଆହୃତ ନେତନ୍ୟାହୁଙ୍କ ଉପସଂହାର ଅସଂଖ୍ୟଙ୍କ ସକାଶେ ଅସ୍ୱୀକାର୍ଯ୍ୟ ହୋଇଥାଏ । ସେମାନେ ଏହାକୁ, ଆଗାମୀ ଇସ୍ରାଏଲୀ ନିର୍ବାଚନ ପୃଷ୍ଠଭୂମିରେ, ଆପଣା ଅବକ୍ଷୟିଷ୍ଣୁ ଜନ ସମର୍ଥନର ଭରଣା ଲାଗି ନେତନ୍ୟାହୁଙ୍କ ଏକ କୌଶଳ ରୂପେ ଦେଖନ୍ତି; କାରଣ ଆତଙ୍କବାଦ କବଳରୁ ସୁରକ୍ଷା ଦେବାରେ ସେ ହିଁ ଏକମାତ୍ର ସମର୍ଥ ନେତା ବୋଲି ବ୍ୟାଖ୍ୟାନଟିଏ ଗଢ଼ିବାରେ ସେ ବ୍ୟାପୃତ ! ତେବେ, ସେ ଯାହା ହେଉ, ରାଜନୈତିକ ଆରୋପ-ପ୍ରତ୍ୟାରୋପର ଉଚ୍ଚାଟ ଭିତରେ କେତେକ ମୌଳିକ ପ୍ରଶ୍ନ ନିଷ୍ପ୍ରଭ ହୋଇଯାଆନ୍ତି ନାହିଁ, ଯାହା ନିରାପଦ ବିମାନ ଯାତ୍ରା ସକାଶେ ସର୍ବତ୍ର ଓ ସବୁ ସମୟରେ ଅନିବାର୍ଯ୍ୟ ବୋଲି ମନେ ହୋଇଥାଏ । ପ୍ରଥମ ପ୍ରଶ୍ନ ଉଠିଥାଏ ଯେ ଆକ୍ରମଣରେ କେଉଁ ଅସ୍ତ୍ର ବ୍ୟବହୃତ ହୋଇଥିଲା ? ଅନୁମାନ କରାଯାଉଛି ଯେ ଜରୁରୀକାଳୀନ ସ୍ଥିତିରେ, ଜୀବନ ବଚାଇବା ଲାଗି, ବିମାନର କାଚ ଭାଙ୍ଗିବାର ଆବଶ୍ୟକତା ଦୃଷ୍ଟିରୁ କକପିଟରେ ରଖାଯାଉଥିବା ହାତୁଡ଼ିଟି ହୁଏତ ସେହି ଅସ୍ତ୍ର ! ଯଦି, ସେଭଳି ହୋଇଥିବ, ତେବେ ବ୍ୟବସ୍ଥାରେ ସନ୍ନିହିତ ବିପଦଟି ହଠାତ୍ ଉଜାଗର ହୋଇଯାଇଛି ବୋଲି କହିବାକୁ ହେବ ! ଏବଂ ଯଦି ସଂପୃକ୍ତ ପାଇଲଟ ଅନ୍ୟ କୌଣସି ଅସ୍ତ୍ରର ବ୍ୟବହାର କରିଥିବେ, ତେବେ ତହିଁରେ କେବଳ ସୁରକ୍ଷା ଯାଞ୍ଚ ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିବା ଯଥେଷ୍ଟ ହେବ ନାହିଁ; କାରଣ ଏହା ସହିତ ବିଶ୍ୱାସର ସେହି ସେତୁଟି ମଧ ଧରାଶାୟୀ ହୋଇଯିବ, ଯହିଁରେ ବିମାନର ପାଇଲଟ ଓ 'କ୍ରିଉ' (କର୍ମଚାରୀ) କଦାପି ଅପହର୍ତ୍ତା ବା ଆତ୍ମଘାତୀ ବା ଆତଙ୍କବାଦୀ ହୋଇ ନ ପାରନ୍ତି ବୋଲି ଯାତ୍ରୀମାନଙ୍କ ବଦ୍ଧମୂଳ ବିଶ୍ୱାସ ଥାଏ । ଏଥିରେ ବିଚ୍ୟୁତି ଘଟିଲେ ବିଶ୍ୱାସ ଭଙ୍ଗର ଯେଉଁ ଫାଟ ସୃଷ୍ଟି ହୋଇପାରେ, ତାକୁ ବୁଜିବା ବୋଧହୁଏ ସମ୍ଭବ ହୋଇ ନ ପାରେ ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେପ୍ଟେମ୍ବର ୧୧ (୨୦୦୧)ର ଆତଙ୍କବାଦୀ ଆକ୍ରମଣ ପୂର୍ବରୁ କକପିଟ ଦ୍ୱାରକୁ ଭିତରୁ କିଳିବାର ବ୍ୟବସ୍ଥା ନ ଥିଲା ବା ସେଭଳି ଆବଶ୍ୟକତା ମଧ ବୋଧ କରି ହେଉ ନ ଥିଲା । ତେଣୁ, ଆତଙ୍କବାଦୀମାନେ ଅନାୟାସରେ କକପିଟରେ ପ୍ରବେଶ କରି ବିମାନ ଚାଳନାକୁ କବଜା କରିବା ସହିତ ଓ୍ୱାର୍ଲଡ ଟ୍ରେଡ ସେଣ୍ଟରକୁ ଧ୍ୱଂସ କରିଦେବା ଭଳି ଘଟଣାଟିଏ ଘଟିବା ପରେ ଯାଇ କକପିଟକୁ ଭିତରୁ କିଳିବାର ନୂତନ ନୀତି ପ୍ରଚଳିତ ହେଲା । କିନ୍ତୁ, ଦୁବାଇ-ତେଲ ଅଭିଭ ବିମାନରେ ଘଟିଥିବା ଘଟଣା ପରେ ଛନକା ପଶିଲାଣି ଯେ ଭିତରୁ ବନ୍ଦ ହୋଇଥିବା କକପିଟ ମଧ ଚକ୍ରାନ୍ତକୁ ରୂପ ଦେବା ଲାଗି ଅନୁକୂଳ ନିଭୃତ କକ୍ଷରେ ମଧ ପରିଣତ ହୋଇଯାଇପାରେ ! ଏଭଳି ଆଶଙ୍କା ଦୃଷ୍ଟିରୁ ବିମାନ ଯାତ୍ରୀଙ୍କ ସୁରକ୍ଷା ଓ ପ୍ରତ୍ୟୟ ପ୍ରତିଷ୍ଠା ସକାଶେ କେତେକ ମୌଳିକ ନୀତିଗତ ପରିବର୍ତ୍ତନର ଯେ ଆବଶ୍ୟକତା ରହିଛି, ତହିଁରେ ସନ୍ଦେହ ନାହିଁ ।

# ଅସହାୟ ଚାଷୀଙ୍କ ନୂଆ ସମସ୍ୟା : ଷଣ୍ଢ ଉତ୍ପାତ

## ନିରଞ୍ଜନ ପଟ୍ଟନାୟକ

ଓଡ଼ିଶାରେ ଖଣିଜ କଳା ଆଇନର ପ୍ରଚଳନ ଓ ପିଲାଙ୍କ ପଢ଼ା ବହି ସମସ୍ୟା ଭିତରେ ଏକ ବଡ଼ ସମସ୍ୟା ହଜିଯାଉଛି । ସେ ସଂପର୍କରେ ଦିପଦ କହୁଛି । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଏହି ରାଜ୍ୟର ୮୧% ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଆଜିକାଲି ଗ୍ରାମାଞ୍ଚଳରେ ଅନ୍ୟାନ୍ୟ ବ୍ୟବସାୟ କରାଯାଉଥିଲେ ମଧ ଲୋକମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ସରକାରୀ ତଥ୍ୟ ଅନୁସାରେ ୨୦୨୪-୨୫ରେ ଓଡ଼ିଶାର ମୋଟ ଭୌଗୋଳିକ ଅଞ୍ଚଳର ପ୍ରାୟ ୩୬.୨% ଜମି ଚାଷ ଉପଯୋଗୀ ଥିଲା । ଚାଷୀମାନଙ୍କର ମୌଳିକ ଆବଶ୍ୟକତା ହେଲା ଜଳସେଚନ, ବିହନ ଓ ସାର । ଏ ସବୁ ଠିକ୍ ସମୟରେ ନ ମିଳିଲେ ଚାଷୀ କ୍ଷତିରେ ପଡ଼ିବ । ସରକାରଙ୍କ ତଥ୍ୟ କହୁଛି- ୧୯୮୧ ବେଳକୁ ରାଜ୍ୟର ପ୍ରାୟ ୭୪.୭% ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ସହ ଯୋଡ଼ି ହୋଇଥିଲେ । ୨୦୦୧ ବେଳକୁ ଏହି ଅନୁପାତ ୫୨.୭%କୁ ଖସି ଆସିଥିଲା ବେଳେ, ୨୦୨୪ ବେଳକୁ ତାହା ୪୮.୬% ହେଲାଣି । ଏହାର କାରଣ ଅନେକ ହୋଇପାରେ । ପାଣିପାଗର ଅସ୍ଥିରତା, ରୋଗପୋକଙ୍କ ଉପଦ୍ରବ, ଦୈବୀ ଦୁର୍ବିପାକ ଆଦି ଭଳି କାରଣରୁ ଅନେକ ଲୋକ କୃଷି ପ୍ରତି ଆଗ୍ରହ ଦେଖାଉ ନାହାନ୍ତି । ଅନ୍ୟ ପକ୍ଷରେ ଗାଁ ଗହଳରେ ଆଉ ଚାଷ କାମ କରିବାକୁ କୃଷି ଶ୍ରମିକ ମିଳୁନାହାନ୍ତି । ବିହନ, ସାର, କୀଟନାଶକର ଦର ଆକାଶ ଛୁଆଁ ହେଲାଣି । ଧାନକୁ ବାଦ୍ ଦେଇ ଯୋଉମାନେ ପନିପରିବା ଚାଷ କରୁଛନ୍ତି, ତାଙ୍କ ପାଇଁ ବଜାର ନାହିଁ । କୃଷିଭିନ୍ନିକ ଶିଳ୍ପ ଆଉ ନୂଆ ତ ବସାଯାଉନାହିଁ; ପୁରୁଣା ଚିନିକଳ, ସୂତାକଳ ସବୁ ବନ୍ଦ ହୋଇଗଲାଣି । ଫଳରେ ଉପକୂଳର ଆଖୁଚାଷ ଓ କଳାହାଣ୍ଡି, କୋରାପୁଟ ଆଦି ଅଞ୍ଚଳର କପାଚାଷ ପ୍ରାୟ ବନ୍ଦ ହୋଇଗଲାଣି । ଉପକୂଳରେ ଏକଦା ଚାଷୀମାନଙ୍କର ମୁଖ୍ୟ ଆୟର ପନ୍ଥା ଥିଲା ଝୋଟ । କୃଷିଭିତିକ ଶିଳ୍ପ ନ ଥିବାରୁ ଏବଂ ଝୋଟର ବଜାର ନ ଥିବାରୁ ନଳିତା ଚାଷ କାଁ ଭାଁ ହେଉଛି । ନବରଙ୍ଗପୁର ଅଞ୍ଚଳର ଚାଷୀମାନେ ଭଲ ମକା ଚାଷ କରନ୍ତି । ଆଜିକାଲି ଇଥାନଲ ଶିଳ୍ପ ପାଇଁ ମକାର ଅବଶ୍ୟକତା ଥିବାରୁ ଓଡ଼ିଶାରେ ମକା ଚାଷ ଏକ ଲାଭଜନକ ଚାଷ ହୋଇପାରନ୍ତା । କିନ୍ତୁ ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ ଗୋଟିଏ କିଲୋଗ୍ରାମର ମକା ମଞ୍ଜି ମିଳେ ନାହିଁ । ଚାଷୀମାନେ ବାହାର ରାଜ୍ୟରୁ ଅଧିକ ଦରରେ ମଞ୍ଜି କିଣନ୍ତି । ଜାନକୀ ବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୯୫-୨୦୦୦ ମସିହା ମଧ୍ୟରେ 'ଆପିକଲ୍' ପ୍ରତିଷ୍ଠା ହୋଇଥିଲା । ସେତେବେଳେ ଲକ୍ଷ୍ୟ ଥିଲା- ଶିଳ୍ପ ପାଇଁ ଯେମିତି 'ଇପିକଲ୍', ଓଡ଼ିଶାର କୃଷକମାନଙ୍କ ବିକାଶ ପାଇଁ ସେମିତି 'ଆପିକଲ୍' । ସେତେବେଳକୁ ଓଡ଼ିଶାର ଜଳସେଚିତ ଜମିର ପରିମାଣ ଥିଲା ୩୦ ପ୍ରତିଶତ । ତେଣୁ ନବମ ପଞ୍ଚବାର୍ଷିକ ଯୋଜନାରେ ୫୦% ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଥିଲା । ନବରଙ୍ଗପୁରରେ ତ ଆଦିବାସୀମାନେ ନିଯୁତ କୂପ ଯୋଜନାରେ କେତେକ ବଡ଼ ବଡ଼ କୂପ କରି କୋବି ପ୍ରଭୃତି ପନିପରିବା ଚାଷ କରି ବେଶ୍ ଲାଭବାନ ହୋଇଥିଲେ । ଏବେ ଓଡ଼ିଶାର ୪୪% ଲୋକ ଚାଷ କାମ କରୁଛନ୍ତି । ମିଲେଟ୍ ଚାଷୀ ମଧ ଓଡ଼ିଶାରେ ଆଖିଦୃଶିଆ ବଢ଼ିଛନ୍ତି । ଓଡ଼ିଶାରେ ଚାଷର ବିବିଧତା ବଢ଼ିଛି । ଫୁଲ ଚାଷଠାରୁ ଫଳ ଚାଷ, ପନିପରିବା ଚାଷଠାରୁ ମିଲେଟ୍ ଚାଷରେ ଲୋକମାନଙ୍କର ଆଗ୍ରହ ବଢ଼ିଛି । କିନ୍ତୁ ଚାଷୀ ଓ ଚାଷକ୍ଷେତରେ ନିୟୋଜିତ ଲୋକଙ୍କ ସଂଖ୍ୟା କାହିଁକି ଦିନକୁ ଦିନ କମିଯାଉଛି । ଏ ନେଇ ମୁଖ୍ୟତଃ ଦୁଇ ତିନିଟି ସମସ୍ୟା ଆମ ସାମନାକୁ ଆସୁଛି । ଗୋଟିଏ ହେଲା- ଯୁବକମାନଙ୍କର କୃଷି କ୍ଷେତ୍ର ପ୍ରତି ଅନାଗ୍ରହ । ସେମାନେ ବିଲାବାଡ଼ି କାମଠାରୁ ବାହାର ରାଜ୍ୟରେ ଯାଇ ଦାଦନ ଖଟିବାକୁ ପସନ୍ଦ କରୁଛନ୍ତି । ବନ୍ୟା, ବାତ୍ୟା, ଅନିୟମିତ ବର୍ଷା ଆଦି କୃଷି କ୍ଷେତ୍ରରେ ପ୍ରତିବନ୍ଧକ ହୋଇ ଠିଆ ହେଉଛି । ଚାଷୀ ତା' ଉତ୍ପାଦିତ ଫସଲକୁ ବିକ୍ରି କରି ଲାଭ ପାଉନି, ବରଂ ମଧ୍ୟସ୍ଥି, ମଣ୍ଡି, ପ୍ରୋସେସିଂବାଲା, ରିଟେଲର ଅଧିକ ଲାଭ ପାଇଯାଉଛନ୍ତି । ତୃତୀୟ କାରଣଟି ହେଲା- ଗ୍ରାମାଞ୍ଚଳର ଲୋକଙ୍କ ହାତକୁ କାମ ନଦେଇ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ କିଛି କିଛି ଟଙ୍କାର ଥୋପ ସରକାର ପକାଇ ଦେଉଥିବାରୁ କର୍ମ ସଂସ୍କୃତି ନଷ୍ଟ ହୋଇଗଲାଣି । ତେଣୁ ଚାଷ ଜମି ପଡ଼ିଆ ପଡୁଛି । ଏ ସବୁ ସମସ୍ୟା ପରେ ଏବେ ଏକ ଉତ୍କଟ ନୂଆ ସମସ୍ୟା ଛିଡ଼ା ହେଲାଣି । ତାହା ହେଲା ଷଣ୍ଢ ସମସ୍ୟା । ଓଡ଼ିଶା ସରକାରଙ୍କ ୨୦୧୯ର ତଥ୍ୟ ଅନୁସାରେ ସେତେବେଳେ ମୋଟ ଗୋରୁ ଗାଇ ଥିଲେ ପ୍ରାୟ ୯୯.୦୪ ଲକ୍ଷ । ସେଥିରେ ମାଈ ଗୋରୁ ଥିଲେ ୫୮.୪ ଲକ୍ଷ ଓ ଅବଶିଷ୍ଟ ପ୍ରାୟ ୪୦.୬ ଲକ୍ଷ ଥିଲେ ଅଣ୍ଡିରା ଗୋରୁ । ଏଥିରେ ଷଣ୍ଢ, ବଳଦ, ଦାମୁଡ଼ି ଇତ୍ୟାଦି ଥିଲେ । ତେବେ ୨୦୧୯ରେ ଲୋକସଭାରେ କେନ୍ଦ୍ର ସରକାର ଓଡ଼ିଶାର ବୁଲାଗୋରୁଙ୍କ ସଂଖ୍ୟା ଉଲ୍ଲେଖ କରି କହିଥିଲେ ଯେ, ଏହି ସଂଖ୍ୟା ପ୍ରାୟ ୧,୫୧,୭୦୩ ଥିଲା । ଏହି ବୁଲା ଗୋରୁଙ୍କ ମଧ୍ୟରୁ ୯୦% ହେଉଛନ୍ତି ଷଣ୍ଢ । ଲୋକେ ଆଜିକାଲି ଆଉ ଚାଷରେ ବଳଦ ବ୍ୟବହାର କରୁ ନଥିବାରୁ ଅଣ୍ଡିରା ଗୋରୁମାନଙ୍କୁ ଅଦରକାରୀ ଭାବି ଛାଡ଼ି ଦେଉଛନ୍ତି । ସେଗୁଡ଼ିକ ଷଣ୍ଢ ହୋଇ ଗାଁରୁ ସହର ବୁଲୁଛନ୍ତି । ସରକାରଙ୍କ ଅଧୀନରେ ଅନୁଗୋଳ, ବାଲେଶ୍ୱର, କଟକ, ଖୋର୍ଦ୍ଧାରେ କେତୋଟି ଗୋଶାଳା ଅଛି । ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗ ଅଧୀନରେ 'ଏଷ୍ଟାବ୍ଲିସମେଣ୍ଟ ଅଫ ନ୍ୟୁ ଷ୍ଟ୍ରେ କ୍ୟାଟଲ ସେଲ୍‌ଟର ହାଉସ ଆଣ୍ଡ୍ ଗୋଶାଳା' ଯୋଜନା ଅଛି । କିନ୍ତୁ ଯୋଜନା ଯୋଜନା ବାଟରେ । ଏବେ ଗାଁ ଗହଳରେ ଲୋକେ ଷଣ୍ଢଙ୍କ ଉତ୍ପାତ ଯୋଗୁଁ ତ୍ରାହି ତ୍ରାହି ଡାକିଲେଣି । ନିକଟରେ ବନ୍ୟା ପରବର୍ତ୍ତୀ ଲୋକଙ୍କ ଅବସ୍ଥା ଦେଖିବାକୁ ମୁଁ କେତେକ ସ୍ଥାନକୁ ଯାଇଥିଲି । ଚାଷୀମାନେ କାନ୍ଦି କାନ୍ଦି କହିଲେ- ଆଜ୍ଞା, ବନ୍ୟା ବର୍ଷାରେ ଯାହା ଗଲା ତ ଗଲା, ଯେତିକି ଆମେ ବଂଚେଇ ରଖିଥିଲୁ, ସବୁ ଷଣ୍ଢ ମୁହଁରେ ଗଲା । ଆଉ ଜଣେ ଚାଷୀ ତ ତାଙ୍କ ଦୁଃଖ ଜଣାଇ କହିଲେ- ଆଜ୍ଞା, ମୋର ଚାରି ଏକର ଜମିରେ ରାତି ପାହିଲେ ତଳି ରୁଆ ହୋଇଥାନ୍ତା, ମୁଁ ରାତି ବାଆର ଯାଏ କିଆରି ଜଗିଲି । ରାତିରେ ଘରକୁ ଆସିଲି । ସକାଳେ, ମୂଲିଆ ନେଇ ବିଲରେ ପହଞ୍ଚିଲା ବେଳକୁ ସବୁ ତଳି ଷଣ୍ଢ ଖାଇ ଦେଇଛି । ଓଡ଼ିଶାର ଅଧିକାଂଶ ଚାଷୀ ଏହି ନୂଆ ସମସ୍ୟାରେ ଅତିଷ୍ଠ । ହାତୀ ଓ ମାଙ୍କଡ଼ ଆଦିଙ୍କ ଦ୍ୱାରା ନୟାନ୍ତ ଚାଷୀମାନେ ଏବେ ହଜାର ହଜାର ବୁଲା ଷଣ୍ଢଙ୍କୁ କେମିତି ଆୟତ୍ତ କରିବେ ସେଇ ଚିନ୍ତାରେ ! ଷଣ୍ଢକୁ ତ ଆମ ସଂସ୍କୃତିର ମହାଦେବଙ୍କ ବାହନ ଭାବେ ପୂଜା କରାଯାଏ । ପୁଣି ଏବେ ଗୋରକ୍ଷକ ଭୂମିକାର କିଛି ଲୋକ ଅବତୀର୍ଣ୍ଣ ହୋଇଥିବାରୁ ଷଣ୍ଢକୁ ଘଉଡ଼ାଇଲେ ସେମାନେ ପ୍ରତିରୋଧ କରିବେ । ତେଣୁ ଚାଷୀମାନେ ଏବେ ଅସହାୟ । ୨୦୧୯ରେ ପ୍ରାୟ ୧.୯୦ କୋଟି ଗୋରୁ ଥିବା ଭାରତରୁ ଗୋ-ମହିଷାଦି ମାଂସର ପ୍ରାୟ ୪୦ ଭାଗ ରପ୍ତାନି କରୁଥିବା ଉନ୍ନରପ୍ରଦେଶ ରାଜ୍ୟରେ ଏପରି ଷଣ୍ଢଙ୍କର ଫସଲ ନଷ୍ଟର ଉଦାହରଣ ନାହିଁ । କିନ୍ତୁ ଆମ ରାଜ୍ୟର ଚାଷୀମାନେ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମନା କରି ଚାଷ କରିବା ପରେ ତାହା ଯଦି ଷଣ୍ଢ ମୁହଁରେ ଯାଏ ସେମାନେ ଚାଷ ଛାଡ଼ି ଦାଦନ ଖଟିବାକୁ ବାଧ ହେବେ । ନିକଟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କର ଏକ ପ୍ରଶ୍ନର ଲିଖିତ ଉନ୍ନର ଦେଇ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି, ତାହା ମୋତେ ଆଶ୍ଚର୍ଯ୍ୟଚକିତ କରିଛି । ଶ୍ରୀ ମଲ୍ଲିକ ଜଣାଇଛନ୍ତି ଯେ, ରାଜ୍ୟରେ ଏବେ ୨,୩୦,୪୦୩ଟି ଷଣ୍ଢ ଅଛନ୍ତି । ୨୦୨୪ରେ ପଶୁପକ୍ଷୀ ଗଣନା ଶେଷ ହୋଇଥିଲେ ମଧ କେନ୍ଦ୍ର ସରକାର ଏଯାବତ୍ ତାହାର ବିବରଣୀ ପ୍ରଦାନ କରିନାହାନ୍ତି । ବୋଧହୁଏ ମନ୍ତ୍ରୀ ମହୋଦୟ ପ୍ରୋଭିଜନାଲ ରିପୋର୍ଟ ଆଧାରରେ ଏହି ସଂଖ୍ୟା ଉଲ୍ଲେଖ କରିଛନ୍ତି । କିନ୍ତୁ ସେହି ଉନ୍ନରରେ ସେ ଜଣାଇଛନ୍ତି ଯେ, ୨,୩୦,୪୦୩ଟି ଷଣ୍ଢ ମଧ୍ୟରୁ ୧,୦୧,୦୬୮ଟି ପ୍ରଜନନ କାର୍ଯ୍ୟରେ ଓ ୧,୨୯,୩୩୫ ଷଣ୍ଢଙ୍କୁ ଉଭୟ ପ୍ରଜନନ ଓ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଛି । ମୁଁ ଯେତିକି ଜାଣେ କଟକର ଖପୁରିଆ ଠାରେ ଏକ ଫ୍ରୋଜେନ ସିମେନ ବ୍ୟାଙ୍କ (ଏଫ୍‌ଏସ୍‌ବି) ଅଛି, ଯେଉଁଠାରେ ବୈଜ୍ଞାନିକ ପଦ୍ଧତିରେ ନିରୋଗ, ଜାତିଆ ଷଣ୍ଢମାନଙ୍କୁ ପାଳନ କରାଯାଏ । ସେମାନଙ୍କ ଠାରୁ ଆଧୁନିକ ପଦ୍ଧତିରେ ସିମେନ ସଂଗ୍ରହ କରି କୃତ୍ରିମ ଉପାୟରେ ଗାଇମାନଙ୍କୁ ପ୍ରଜନନକ୍ଷମ କରାଯାଏ । ଷଣ୍ଢ ମାଧ୍ୟମରେ ପ୍ରଜନନ ଗ୍ରାମାଞ୍ଚଳରେ ଏକ ପରିଚିତ କଥା । କିନ୍ତୁ ସରକାରୀ ସ୍ତରରେ ଏପରି ପ୍ରଜନନ ହେଉଥିବା କଥା କେବଳ ଅବାସ୍ତବ ନୁହେଁ, ଅବୈଜ୍ଞାନିକ ଓ ଓଡ଼ିଶାର ଦୁଗ୍ଧ ଚାଷୀମାନଙ୍କ ପ୍ରତି ସରକାରଙ୍କର ଏକ ଉପହାସ ଭଳି ମନେ ହୁଏ । ଦ୍ୱିତୀୟ କଥା ହେଲା, ଷଣ୍ଢଙ୍କୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ଶୁଣି ଆଶ୍ଚର୍ଯ୍ୟ ଲାଗୁଛି । ଏଇଥିରୁ ବୁଝାପଡୁଛି, ଓଡ଼ିଶାର ଚାଷୀମାନଙ୍କ ସମସ୍ୟା ପ୍ରତି ଏ ସରକାରର ଆନ୍ତରିକତା କେତେ ! ବାସ୍ତବରେ ସରକାରଙ୍କ ପ୍ରଦନ୍ତ ତଥ୍ୟଠାରୁ ବହୁ ଗୁଣରେ ଅଧିକ ଷଣ୍ଢ ଆମ ରାଜ୍ୟରେ ଅଛନ୍ତି । କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ଷଣ୍ଢ ଥିବା କଥା ଜାଣି ମୁଁ ଆନନ୍ଦିତ ଓ ଦୁଃଖିତ । କାରଣ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ଏବଂ ଅଧିକ ଷଣ୍ଢ ମଧ କେନ୍ଦୁଝର ଜିଲ୍ଲାରେ । କେନ୍ଦୁଝର ଜିଲ୍ଲାର ଚାଷୀଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଏକମାତ୍ର ଉପାୟ ହେଉଛି ଗୋଶାଳା ବା ଷଣ୍ଢଶାଳା ସ୍ଥାପନ । ସରକାରଙ୍କ ଯୋଜନା ଅନୁସାରେ ପ୍ରତି ବ୍ଲକରେ ଗୋଶାଳା ପ୍ରତିଷ୍ଠା କରାଯାଉ । ଏହାର ପ୍ରତିଷ୍ଠାରେ ସବସିଡିର ବ୍ୟବସ୍ଥା ଅଛି । ତେଣୁ, ଗାଁ ଗହଳର ଯୁବକମାନଙ୍କୁ ପ୍ରୋତ୍ସାହନ ଦେଇ ବିଡିଓମାନଙ୍କ ଜରିଆରେ ଅଧିକରୁ ଅଧିକ ଷଣ୍ଢଶାଳା ପ୍ରତିଷ୍ଠା କରିବା ହିଁ ଏହି ସମାଧାନର ଏକମାତ୍ର ପନ୍ଥା । ସେ ଦିଗରେ ସରକାର ଧ୍ୟାନ ଦିଅନ୍ତୁ । ବୁଲା ଷଣ୍ଢମାନେ ଆମକୁ ପ୍ରଜନନରେ ଓ କୃଷିରେ ସାହାଯ୍ୟ କରୁଛନ୍ତି ବୋଲି କହି ସରକାର ଚାଷୀଙ୍କ କଟା ଘା'ରେ ଲୁଣ ନ ଦିଅନ୍ତୁ ।

# "ପତି ପରମେଶ୍ୱର"

## ଚତୁରଙ୍କ ବିଶ୍ଳେଷଣ, ଦାର୍ଶନିକ ମର୍ମ ମଧ୍ୟରେ ପାର୍ଥକ୍ୟ କ'ଣ ?

ଇଂରେଜ ଶାସନ କାଳରେ ଭାରତୀୟ ଦର୍ଶନ / ଧର୍ମ ଶାସ୍ତ୍ର ଗୁଡିକୁ ଯେତିକି ବିକୃତ କରାଯାଇଥିଲା ତା' ବିଷୟରେ ସାଧାରଣ ଲୋକଙ୍କ ଜ୍ଞାନ କେତେ ରହିଥିବ ଅଜ୍ଞାତ । ପରବର୍ତ୍ତୀ ସମୟରେ (ଅଜ୍ଞାନ) ଚତୁର ଆମ ବିଶେଷ ଦାର୍ଶନିକ ତତ୍ୱ ଗୁଡିକୁ ଯେଉଁଭଳି ବିଶ୍ଳେଷଣ କରି ବ୍ୟବହାର କରିବାକୁ ଲାଗିଲେ ତା' ଉପରେ ମଧ୍ୟ ସାଧାରଣ ନିର୍ବୋଧଙ୍କ ଅବଧାରଣା କ'ଣ ରହିଥିବ ଦେଖିବା କଥା । ବର୍ତମାନର ବିଶ୍ୱସ୍ତରୀୟ ଶାସ୍ତ୍ରଜ୍ଞଙ୍କ ବିଶ୍ଳେଷିତ ପ୍ରବଚନ ନା ପ୍ରବଂଚନା- ବୁଝି ଗ୍ରହଣ କରାଯିବା ଆବଶ୍ୟକତାକୁ ଅନୁଭବ କରୁଛନ୍ତି କେତେ ଜଣ ?! ସମୀକ୍ଷା କରିବା ଶୀର୍ଷକଟିର ପ୍ରକୃତ ଭାବାର୍ଥ କ'ଣ ? ପୂର୍ବ ସମୟରେ ଭାରତୀୟ ମହିଳାଙ୍କ ଜୀବନ ଶୈଳୀ ଓ ସାମାଜିକ ସ୍ଥିତି ଉପରେ ଆଲୋଚନା କରିବା ନାହିଁ ଯାହା ସମସ୍ତଙ୍କୁ ଜଣାଅଛି । ପୂର୍ବ ଭାରତୀୟ ଦାର୍ଶନିକ ମତବାଦରେ ମହିଳାଙ୍କୁ ଦେବୀ ଭଳି ମାନ୍ୟତା ରହିଥିବା ପଛରେ ଅନେକ ରହସ୍ୟ ରହିଛି । ନୂତନ ପିଢ଼ିର ଜନ୍ମଦାତ୍ରୀ ହୋଇଥିବା କାରଣରୁ ସେମାନଙ୍କୁ ସମାଜ ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଗ୍ରହଣ କରୁଥିଲା । ସେହି କାରଣରୁ ଅତ୍ୟନ୍ତ ସୁକୁମାର ସ୍ତରରେ ରଖାଯିବା ଗ୍ରହଣୀୟତା ଦୃଷ୍ଟିକୋଣରୁ ସେମାନଙ୍କୁ ଘର ଭିତରେ ସଂପତି ଭଳି ସାଇତି ରଖିବା ଉଦ୍ଦେଶ୍ୟ ରହିଥିଲା, ସମାଜରେ । ସଂପତିକୁ ଲୁଚାଇ ରଖିବା ଭଳି ସେମାନଙ୍କୁ ମଧ୍ୟ ଲୁଚାଇ ରଖୁଥିଲେ ସମସ୍ତେ । ଜୀବନ ସାରା ଗୋଟିଏ ଘର ଭିତରେ ରହି ଉନ୍ମୁକ୍ତ ଚେତନା କ୍ଷୀଣ ହେବା ସହିତ ଦୂରଦୃଷ୍ଟି ବାଧିତ ହେବା ସ୍ୱାଭାବିକ କଥା । ପ୍ରାକୃତିକ ଜିନଗତ ପ୍ରଭାବ କାରଣରୁ ମହିଳା ମାନେ ଭୟାଳୁ ଏବଂ ତଦ୍ଜନିତ ଲୌଳିକ ଆଚରଣ କରିଥା'ନ୍ତି । ସେମାନଙ୍କ ମନରେ ଥିଲେ ମଧ୍ୟ ମୁଖରେ ପ୍ରଖରତା ପୁରୁଷଙ୍କ ତୁଳନାରେ କମ । ସେହି କ୍ରମରେ ସେମାନଙ୍କ ଭାବପ୍ରବଣତା, ଦୟା, କ୍ଷମା, ପ୍ରେମ, ଉପକାରିତା, କରୁଣା ଓ ସ୍ନେହ ଭଳି ଅନେକ ମାନବୀୟ ଚରିତ୍ର ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ । ପୁରୁଷ ମାନେ କଠିନ ପରିଶ୍ରମ କରୁଥିଲେ । ତା'ର ପ୍ରଭାବ ଜନିତ ସେମାନଙ୍କ କଠୋରତା ସ୍ୱଭାବ ବୃଦ୍ଧି ପାଉଥିଲା ! ଆଜି କାଲି ପୁରୁଷ ମାନେ ପୂର୍ବ ଭଳି କଠିନ ପରିଶ୍ରମ କରୁନଥିବାରୁ ସେମାନଙ୍କ ବଚନ ନମନୀୟ ହେବା ସ୍ୱାଭାବିକ, ଯାହା ସମସ୍ତେ ଅନୁଭବ କରୁଥିବେ ! ସୀମିତ ପରିସର ମଧ୍ୟରେ ସାରା ଜୀବନ ବିତିଲେ ମାନସିକ ସ୍ଥିତି ବିକ୍ଷିପ୍ତ ହେବା ସାଧାରଣ କଥା । ତା'ର ପ୍ରଭାବ କାରଣରୁ ଉନ୍ମୁକ୍ତ ଚେତନାର ଅଭାବ ଜନିତ— କ୍ଷୀଣବୁଦ୍ଧି, ଆକ୍ରୋଶ, ଭୟ, କ୍ରୋଧ, ମାନସିକ ଅସ୍ଥିରତା, ଦୁଃଖ, ଅଲୌକିକ ବିଚାର ଭଳି ଅନେକ ଶୈତାନି ବିଚାର ସୃଷ୍ଟି ହେବା ପ୍ରକୃତି ବିଜ୍ଞାନ ସମ୍ମତ । ପୁରୁଷଙ୍କ କଠୋରତା ସମ୍ମୁଖରେ ମହିଳାଙ୍କ ଶୈତାନି ସ୍ୱଭାବ ଆଚରଣ ଉତ୍ପନ୍ନ ହେଲେ ପାରିବାରିକ ଅଶାନ୍ତି ସୃଷ୍ଟି ହେବ ବୋଲି ବିଚାର ରହିଥିଲା । ମହିଳାଙ୍କ କ୍ଷୀଣ ବୁଦ୍ଧି କାରଣରୁ ପୁରୁଷଙ୍କୁ ସବୁ କଥାରେ ମାନି ଚଳିଲେ ପରିବାର ଭଲରେ ଚାଲିବ ବୋଲି ବିଚାର ରହିଥିଲା ! ସେହି କାରଣରୁ ମହିଳାଙ୍କୁ ଏକ ପ୍ରକାର ଆବେଗପୂର୍ଣ୍ଣ (ଇମୋସନାଲ) ଦମନ କରି ରଖିବା ଲକ୍ଷ ରଖାଯାଇ ଥିଲା । ଏହା ନୁହେଁ କି କୌଣସି ଅମାନବୀୟ ଦୃଷ୍ଟି କୋଣରେ ସମାଜରେ ଘୃଣା କରାଯାଉଥିଲା । ଲଗାତାର ଘରେ ରହିବା ଦ୍ୱାରା ମାନସିକ ଦୁଃସ୍ୱଭାବର ପରିଣତି ବିଷୟରେ ବୁଝିବା ଜ୍ଞାନ ନଥାଇ, ଓଲଟା ସେମାନଙ୍କ ସମ୍ମାନ ଜନିତ ଏସବୁ କରାଯାଉଥିବା ବୁଝିଥିଲେ ସେତେବେଳର ଲୋକେ ! ଆବେଗପୂର୍ଣ୍ଣ ଦମନର ମୁଖ୍ୟ ସ୍ରୋତ ଭାବେ ପତିଙ୍କୁ ପରମେଶ୍ୱର, ଶାଶୁ, ଶଶୁରଙ୍କୁ ଭଗବାନ ଭଳି ସେବା କରିବା ମାନବ ଧର୍ମ ବୋଲି କୁହାଯାଇ ଥିଲା । ନହେଲେ ସେମାନେ ନର୍କଗାମୀ ହେବେ ବୋଲି ପ୍ରେରଣା ଦିଆଯାଇ ଥିଲା । ପୁରୁଷ ଅପେକ୍ଷା ନାରୀ ଜନ୍ମର ଦୁଲଭର୍ତାକୁ ସେମାନେ ଅନୁଭବ କରିବାରେ ଅସମର୍ଥ ହେଉଥିଲେ । ପଞ୍ଜୁରୀ ଭିତର ପକ୍ଷୀ ଭଳି ରହି ନିଜ ଜୀବନ ପ୍ରତି ସେମାନଙ୍କ ମନରେ ଏକ ପ୍ରକାର ଘୃଣାଭାବ ସୃଷ୍ଟି ହେଉଥିଲା । ସମାଜରେ ପ୍ରଚଳିତ କେତେକ ମାନ୍ୟତା ପ୍ରଥାକୁ ସଂପାଦନ କରୁଥିଲେ । ସେହି ଆଧାରରେ ପର୍ବ ପର୍ବାଣିରେ ଘରେ କେତେକ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ଏତିକି ହିଁ ଥିଲା "ପତି ପରମେଶ୍ୱର"ର ପ୍ରକୃତ ଦାର୍ଶନିକ ମହତ୍ୱ । ସମୟ ସ୍ରୋତରେ (ଅଜ୍ଞାନ) ଚତୁର ତାକୁ କଦର୍ଥ କରି ଯାହାସବୁ ବ୍ୟବସାୟ କେଲେ ସେଗୁଡିକ ଆଉ ବଖାଣିବା ଆବଶ୍ୟକ ନାହିଁ— ସମସ୍ତେ ଜାଣିଛନ୍ତି, ଦେଖୁଛନ୍ତି । ସାବିତ୍ରୀ ବ୍ରତ ଠାରୁ ଆରମ୍ଭ କରି ସୋମନାଥ ବ୍ରତ ପର୍ଯ୍ୟନ୍ତ ଅସଂଖ୍ୟ ପୂଜା ପାଠ ଏବଂ ତା ମାଧ୍ୟମରେ ବ୍ୟାପକ ବ୍ୟବସାୟ । ଦାନ ଦକ୍ଷିଣା ପୂର୍ବକ ଆଶୀର୍ବାଦ । ମନ୍ଦିରକୁ ଯାଇ ପରଜନ୍ମର ସୁଗମ ଯାତ୍ରା ଟିକଟ ସଂରକ୍ଷଣ ଭଳି ଅନେକ ମାର୍ଗରେ ପରିଚାଳିତ କରି ଯାହା କରୁଛନ୍ତି ସେମାନେ, ନକହିବା ଭଲ । ମହିଳାଙ୍କ ସାଧାରଣ ଜ୍ଞାନ / ଦୁରଦୃଷ୍ଟି / ସୃଜନଶୀଳତାର କ୍ଷୀଣତା କାରଣରୁ ଅଲୌକିକ ସ୍ୱପ୍ନ ଦେଖାଇ ସେମାନଙ୍କୁ ଠକିବା ଅତ୍ୟନ୍ତ ସହଜ ହୋଇଥାଏ । ତେଣୁ ସେମାନଙ୍କୁ ଘରେ ବାହାରେ ସମସ୍ତେ ସହଜରେ ଅଳ୍ପରେ ସନ୍ତୁଷ୍ଟ କରିପାରନ୍ତି । ସହଜରେ ଠକି ମଧ୍ୟ ପାରନ୍ତି । ଆଜି ସମୟରେ ଧାର୍ମିକ ଚେତନାରେ ବେହାଲ ମହିଳାଙ୍କ ସଂଖ୍ୟା, ପୁରୁଷଙ୍କ ତୁଳନାରେ ଯଥେଷ୍ଟ ଅଧିକ । ମହିଳାଙ୍କ କାରଣରୁ ହିଁ ଧାର୍ମିକ ଅନୁଷ୍ଠାନ ଗୁଡିକ ସକ୍ରିୟ ରହିଛନ୍ତି । ଅନ୍ୟଥା ସେମାନଙ୍କ ପ୍ରାଧାନ୍ୟତା କମି ଯାଇଥା'ନ୍ତା । ଏହି ସନ୍ଦର୍ଭରେ ପୂର୍ବ ସମୟର "ପତି ପରମେଶ୍ୱର"ର ଦାର୍ଶନିକ ମର୍ମ ଆଜି ବିପରୀତମୁଖୀ ଆଧ୍ୟାତ୍ମିକ ଝଡ଼ରେ ପରିଣତ । ବର୍ଷରେ ଦୁଇଥର କେବଳ ଲୋକଙ୍କୁ ଦେଖାଇବା ପାଇଁ ପର୍ବ ଭଳି ପାଳନ କରାଯାଉ ଅଛି । ଉପରେ କେହି ଜଣଙ୍କୁ ପରମେଶ୍ୱର କରି, ମନ୍ଦିର ଭିତରେ ତାଙ୍କରି ସାନିଧ୍ୟ ଖୋଜା ଚାଲିଛି ! ଏହି ମାନସିକତା କାରଣରୁ ଘରେ ଘରେ ପ୍ରତିଦିନ କଳହର ସୀମା ନାହିଁ ! ପରିବାର ମଧ୍ୟରେ ଅଶାନ୍ତିର ଝଡ଼ ଥମିବାକୁ ନାହିଁ ! ଛାଡ଼ପତ୍ର ମାମଲା ପାଇଁ କଚେରୀ ଧାଡିରେ ଜାଗା ନାହିଁ ! ପାରିବାରିକ ହିଂସା ଜନିତ ହତ୍ୟା ମାମଲାର ଅନ୍ତ ହେବାକୁ ନାହିଁ ! ପଛୁଆ ବର୍ଗଙ୍କ ସବର୍ଣ୍ଣଙ୍କ ଉପରେ ଦାଉ ସାଧିବା ଭଳି ମହିଳାଙ୍କ ଆବେଗପୂର୍ଣ୍ଣ ଦମନର ପ୍ରତିଶୋଧ ବହ୍ନି ଲିଭିବାକୁ ନାହିଁ ! ନିର୍ବୋଧ ସରଳ ଭାରତୀୟ ମହିଳାଙ୍କୁ ଏମିତି ସ୍ତରକୁ ଆଣି ପହଂଚାଇବା ପଛର ଲୋକଟିକୁ କେହି ଜାଣନ୍ତି ନାହିଁ ! ତା ପଛରେ ରହିଥିବା ଇଂରେଜ ଷଡ଼ଯନ୍ତ୍ର ଉପରେ କାହାର ଜ୍ଞାନ ନାହିଁ ! ବର୍ତମାନର ବିଦେଶୀ ଷଡ଼ଯନ୍ତ୍ର ଉପରେ କାହାର ନିଘା ନାହିଁ ! ପୂର୍ବ ଭାରତୀୟ ମହିଳା ଆଉ ବର୍ତମାନର ମହିଳାଙ୍କ ସ୍ଥିତିକୁ ଦେଖିଲେ କ'ଣ ଅନୁଭବ କରୁଛନ୍ତି ସମସ୍ତେ ବୁଝୁଥିବେ ନିଜେ ନିଜେ । ଏତେ ସୁନ୍ଦର ଆମ ସାମାଜିକ ପରିବେଶରେ ଅଗ୍ନି ସଂଯୋଗ କଲା କିଏ— ତାକୁ ବୁଝିବାର ସାହସ, କ୍ଷମତା, ଆଗ୍ରହ କାହାର ନାହିଁ । ପୂର୍ବ ଭଳି ବିବାହ ବନ୍ଧନର ସୂତ୍ର ଆଉ ଖୋଜାଯାଉ ନାହିଁ । ରେଜିଷ୍ଟ୍ରୀ ବିବାହ କରି ଜୋଇଁ ଛାଡିଦେଲେ, ପୂର୍ବ ଭଳି ଝିଅର ଆଉ ଭବିଷ୍ୟତ ଅନ୍ଧକାର ହେବା ଭୟ ମଧ୍ୟ୍ୟ ନାହିଁ । ବର, କନ୍ୟାଙ୍କ ପରିବାର ମଧ୍ୟରେ ସଂପତି ଦେଖି ସମ୍ବନ୍ଧ କରୁଛନ୍ତି, ଅଳ୍ପଦିନ ମଧ୍ୟରେ ବିପନ୍ତିକୁ ଡାକି ଘରକୁ ଆଣୁଛନ୍ତି । କାହାର ପୁଅ ଯାଇ ଘରଜୋଇଁ ତ କାହାର ଝିଅ ଆସି ବାପ ଘରେ ରହୁଛି । ପ୍ରେମଟା ଖାଲି ଟଙ୍କାରେ ରହୁଛି ! ଟଙ୍କା ଦେଇ ପରମେଶ୍ୱରଙ୍କୁ କିଣାଯାଉଛି ! ପ୍ରାଚୀନ ସଭ୍ୟତାରୁ ପାଶ୍ଚାତ୍ୟ ସଭ୍ୟତାକୁ ଡେଇଁ ଦେଶ ମୋର ବିକାଶ କରୁଛି ! କାହାକୁ କହିବା, କପାଳରେ ଖାଲି କର ମାରିବା ! ଖୁବ କମ ଦିନ ମଧ୍ୟରେ ପାଶ୍ଚାତ୍ୟ ଭଳି ପାରିବାରିକ ଜୀବନ ବିତାଇବା ପାଇଁ ପ୍ରସ୍ତୁତ ରହିବାକୁ ଆମ ପର ପିଢିଙ୍କୁ ପ୍ରେରଣା ଦେଇ ଯିବା ।

**ପଙ୍କଜ କୁମାର ପାଣିଗ୍ରାହୀ ।**
**ୟୁ-ଟ୍ୟୁବ- ସାମାଜିକ ଜନମଂଚ (ଭାରତ),**
**ଛତ୍ରପୁର, ଗଂଜାମ - ୭୬୧୦୨୦.**
**ଦୂରଭାଷ.: ୯୪୩୭୩୨୪୯୧୭.**

# କଠୋର ହେଉ ସରକାର

କାଶ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ— ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ । ଆଜି ଦେଶରେ କିଛି କାଶି ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ । କାଶି ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ । ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଝୁମ୍ପ ରହିପାରେ । ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ ଖେଳ । ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର । ସେଥିପାଇଁ କାଶି ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ । କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶି ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ୱଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ ଆଇନର ସୀମା ଭିତରେ ରହିବାକୁ ହେବ । ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ । ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ । କାରଣ ଅବୈଧ ଭାବେ କାଶି ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି । ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ । ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ୱଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ । ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର । ତୃତୀୟରେ, ଯେଉଁଠାରେ କାଶି ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର । ଏହି ଲଢେଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ । ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ । ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ । କେବଳ ଜଣେ ଯୁବକକୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ । ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ । ଠାରେ ସମାଜର ଭୂମିକା ମଧ ସମାନ ଗୁରୁତ୍ୱପୂର୍ଣ୍ଣ । ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ୱଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin : 769003







# ସମ୍ବଲପୁରରେ ଜିଲ୍ଲାବ୍ୟାପୀ ମେଗା ସ୍ୱଚ୍ଛତା ଅଭିଯାନରେ ସାମିଲ ହେଲେ ସାଂସଦ

## ସ୍ୱଚ୍ଛତାକୁ ଦୈନନ୍ଦିନ ଅଭ୍ୟାସେର ପରିଣତ କରିବା : ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର,୧୧/୧୦(ନି/ପ୍ର): ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛିଆମର ନୈତିକ ସଂସ୍କାର । ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ । ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦିନ ଅଭ୍ୟାସେର ପରିଣତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧେମର୍ନ୍ଦ୍ର ପ୍ରଧାନ । ପବିତ୍ର 'ମହାଳୟା' ଅବସରେର ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଶନିବାର ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ । ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରେର ସେଫଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସେଫଇ କାର୍ଯ୍ୟ କରିବା ପାଇଁ ସେଚତନ କରିଥିଲେ । ଏହି ଅବସରେର ସେ କହିଛନ୍ତି, ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଏବଂ ସମ୍ବଲପୁର ମ୍ୟୁନିସିପାଲ୍ କେପର୍ରେସନ୍ ତରଫରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ଜନ ଅାେନ୍ଦାଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି । ପ୍ରଶାସନର ଯୋଜନା ଅନୁଯାୟୀ ଶନିବାର ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରେର, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମେର ଲାଗିଛନ୍ତି । ଆଜି ପବିତ୍ର ମହାଳୟା ଏବଂ ନବରାତ୍ରୀର ପୂର୍ବରୁ ସମ୍ବଲପୁର ଦେଶ ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି । ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଏବଂ ସମସ୍ତଙ୍କର ବିକାଶ ହେବ । ସେ ଆହୁରି କହିଛନ୍ତି ଯେ ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର । ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) କହୁଥିଲେ ଯେ ସ୍ୱଚ୍ଛତା ହେଉଛି ସ୍ୱାଧୀନତା ଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ସେହି ମହାନ ଚିନ୍ତାଧାରାକୁ ଆପଣାଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ସ୍ୱଚ୍ଛତା ହିଁ ସେବା' ମାଧମେର ଏହାକୁ ଏକ ବିଶାଳ ଜନ-ଅାେନ୍ଦାଳନେର ପରିଣତ କରିଛନ୍ତି । ସ୍ୱଚ୍ଛତାକୁ ଜୀବନର ଚରିତ୍ର ଏବଂ ସ୍ୱଭାବ ବେନଇବାକୁ ପଡ଼ିବ । ଘର ଭିତରକୁ ଅାେମ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମେସ୍ତ ମିଶି ସମାଜକୁ ସଫା କରିବାକୁ ପଡ଼ିବ । 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଅାେମ ସମେସ୍ତ ନିଜ ପରବିେଶକୁ ଆବଜର୍ନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବଜର୍ନ କରିବା ଏବଂ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା । ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ଅାେମ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଉଲ୍ଲେଖନୀୟ, ସେବା ସଂକଳ୍ପ ଅଭିଯାନ' ଅଧୀନେର ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମ୍ୟୁନିସିପାଲ୍ କେପର୍ରେସନ୍ର ମିଳିତ ସେହ୍ୟାଗେର ଶନିବାର ଜିଲ୍ଲାର ୫୦୦ରୁ ଅଧିକ ସ୍ଥାନେର ଅାେୟାଜିତ ସ୍ୱଚ୍ଛତା ଅଭିଯାନେର ୧ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନେର ସାମିଲ ହୋଇଛନ୍ତି ।

# ସମ୍ବଲପୁରର ସଫେଇ ବ୍ୟବସ୍ଥାରେ ଦୃଶ୍ୟମାନ ପରିବର୍ତ୍ତନ ଆଣୁ ପ୍ରଶାସନ ଓ ସରକାର : ରୋହିତ ପୂଜାରୀ



ସମ୍ବଲପୁର,୧୧/୧୦(ନି/ପ୍ର): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶନିବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ବିଜେପିର ଆଗଧାଡ଼ିର ନେତାମାନେ ଯୋଗଦେଇଥିଲେ । ତେବେ ସହରର ବାସ୍ତବ ସ୍ଥିତିକୁ ଦେଖିଲେ ସ୍ୱଚ୍ଛତା ଅଭିଯାନର ସଫଳତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ବିଭିନ୍ନ ଗଳିକନ୍ଦି, ରାସ୍ତାକଡ଼ ଓ ଡ୍ରେନ୍‌ରେ ଜମି ରହୁଥିବା ଅଳିଆ ଆବର୍ଜନା ସହରର ପରିମଳ ବ୍ୟବସ୍ଥାର ବାସ୍ତବ ଚିତ୍ର ଦେଖାଉଛି । କେବଳ କାର୍ଯ୍ୟକ୍ରମ, ଫଟୋ ଉଠାଇବା ଓ ପ୍ରଚାରରେ ସ୍ୱଚ୍ଛତା ସୀମିତ ନ ରହି ସହରର ପ୍ରତ୍ୟେକ ଅଚଂଳରେ ଏହାର ସୁଫଳ ଦେଖାଯିବା ଆବଶ୍ୟକ ବୋଲି ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ କହିଛନ୍ତି । ସହରର ବିଭିନ୍ନ ଅଚଂଳରେ ଡ୍ରେନ୍‌ରେ ଆବର୍ଜନା ଜମିବା, ରାସ୍ତାକଡ଼ରେ ଅଳିଆ ପଡ଼ି ରହିବା ଏବଂ ନିୟମିତ ସଫେଇ ନ ହେବା ଭଳି ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି । ଆବର୍ଜନା ଠିକ୍ ସମୟରେ ସଂଗ୍ରହ, ଡ୍ରେନ୍‌ର ନିୟମିତ ସଫେଇ, କର୍ମଚାରୀଙ୍କ କାର୍ଯ୍ୟର ତଦାରଖ ଏବଂ ପ୍ରତ୍ୟେକ ୱାର୍ଡରେ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ନିଗମର ମୌଳିକ ଦାୟିତ୍ୱ । ନାଗରିକଙ୍କ ଅଭିଯୋଗ ଶୁଣି ତ୍ୱରିତ ସମାଧାନ କରିବା ମଧ୍ୟ ଆବଶ୍ୟକ । ସମ୍ବଲପୁର ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ସହର । ସହରର ପରିଚୟ ଓ ମର୍ଯ୍ୟାଦା ସହ ସହରବାସୀଙ୍କ ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନ ଜଡ଼ିତ । ଅଳିଆ ଆବର୍ଜନା ଜମି ରହିଲେ ଦୁର୍ଗନ୍ଧ, ମଶାମାଛିଙ୍କ ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣର ଆଶଙ୍କା ବଢ଼ିଥାଏ । ତେଣୁ ସ୍ୱଚ୍ଛତାକୁ ଗୋଟିଏ ଦିନର କାର୍ଯ୍ୟକ୍ରମ ଭାବେ ନ ଦେଖି ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟର ଅବିଚ୍ଛେଦ୍ୟ ଅଂଶ କରାଯିବା ଦରକାର । ଅଭିଯାନର ସଫଳତା ଫଟୋ କିମ୍ବା ପ୍ରଚାରରେ ନୁହେଁ, ବରଂ ରାସ୍ତା, ଡ୍ରେନ୍ ଓ ଗଳିକନ୍ଦି କେତେ ପରିଷ୍କାର ରହୁଛି ତାହାରେ ନିର୍ଭର କରେ । ସହରବାସୀ ନିଜ ଅଚଂଳରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଆଶା କରୁଛନ୍ତି । ତେଣୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନକୁ ପ୍ରଚାରରେ ସୀମିତ ନ ରଖି ସହରର ପରିମଳ ବ୍ୟବସ୍ଥାରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ସହ ମହାନଗର ନିଗମ, ପ୍ରଶାସନ ଓ ବିଜେପି ସରକାର ନିଜ ଦାୟିତ୍ୱ ପାଳନ କରନ୍ତୁ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି ।

# ଧୂଳିଧୂସରିତ ସମ୍ବଲପୁର ; ନିର୍ମାଣ କାର୍ଯ୍ୟରେ ଅଣନିଶ୍ୱାସୀ ସହରବାସୀ

## ଧୂଳି ନିୟନ୍ତ୍ରଣ ଓ ଅଧାପନ୍ତରିଆ ରାସ୍ତା କାମ ଶୀଘ୍ର ଶେଷ କରିବାକୁ ଦାବି

ସମ୍ବଲପୁର,୧୧/୧୦(ନି/ପ୍ର): ସାଂସ୍କୃତିକ ସହର ସମ୍ବଲପୁର ଏବେ ପ୍ରଦୂଷଣ ଓ ଧୂଳିର ଆସ୍ତରଣ ତଳେ ଅଣନିଶ୍ୱାସୀ ହୋଇପଡ଼ିଛି । ସହରର ପ୍ରମୁଖ ରାସ୍ତାଗୁଡ଼ିକରେ କୁହୁଡ଼ି ପରି ଧୂଳି ଉଡୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ଯାତାୟାତ ମଧ୍ୟ ଦୁର୍ବିସହ ହୋଇପଡ଼ିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଚାଲିଥିବା ରାସ୍ତା ନିର୍ମାଣ ଓ ପ୍ରଶସ୍ତୀକରଣ କାମ ସହ ସ୍ୱେରେଜ୍ ପ୍ରକଳ୍ପ ପାଇଁ ଖୋଳାଖୋଳି ଏହି ସମସ୍ୟାର ମୁଖ୍ୟ କାରଣ । ରାସ୍ତା ଖୋଳିବା ପରେ ମାଟି ଓ ବାଲି ଦୀର୍ଘଦିନ ଧରି ପକାଇ ରଖାଯାଉଛି । ଫଳରେ ଯାନବାହନ ଚଳାଚଳ ସମୟରେ ପ୍ରବଳ ଧୂଳି ଉଡୁଛି । ମୁଖ୍ୟ ଟ୍ରାଫିକ୍ ଛକ, ବୁଢ଼ାରଜା, ଅଇଁଠାପାଲି ଓ କ୍ଷେତରାଜପୁର ଭଳି ବ୍ୟସ୍ତବହୁଳ ଅଚଂଳରେ ସ୍ଥିତି ଅଧିକ ସଂଗୀନ ହୋଇପଡ଼ିଛି । ଧୂଳିମିଶା ପରିବେଶରେ କାଶ, ଥଣ୍ଡା, ଆଜ୍‌ମା ଓ ଆଖି କୁଣ୍ଡେଇ ହେବା ଭଳି ସମସ୍ୟା ଦେଖାଦେଉଥିବା କହିଛନ୍ତି ସହରବାସୀ । ଏଥିରେ ଶିଶୁ ଓ ବୟସ୍କ ବ୍ୟକ୍ତିମାନେ ଅଧିକ ପ୍ରଭାବିତ ହେଉଛନ୍ତି । ମାସ୍କ ପିନ୍ଧି ରାସ୍ତାକୁ ବାହାରିବାକୁ ପଡୁଥିବା ବେଳେ ଧୂଳି ଯୋଗୁଁ ଦୃଶ୍ୟମାନତା କମିବାରୁ ବାଇକ୍ ଚାଳକମାନେ ମଧ୍ୟ ଦୁର୍ଘଟଣାର ଆଶଙ୍କାରେ ରହୁଛନ୍ତି । ବଜାର ଓ ହୋଟେଲଗୁଡ଼ିକ ମଧ୍ୟ ଧୂଳିରେ ପ୍ରଭାବିତ ହୋଇଛନ୍ତି । ଖାଦ୍ୟପଦାର୍ଥ ଓ ଅନ୍ୟ ସାମଗ୍ରୀ ଉପରେ ଧୂଳି ଜମୁଥିବାରୁ ବ୍ୟବସାୟୀମାନେ ଅସୁବିଧାରେ ପଡୁଛନ୍ତି । ନିର୍ମାଣ କାମ ଚାଲିଥିବା ସମୟରେ ନିୟମିତ ପାଣି ସିଚଂନ କରାଯିବା କଥା, କିନ୍ତୁ ଏଥିପ୍ରତି ପ୍ରଶାସନ ଓ ଠିକାଦାର ସଂସ୍ଥା ଦୃଷ୍ଟି ଦେଉନଥିବା ଅଭିଯୋଗ କରିଛନ୍ତି ସହରବାସୀ । ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମ (ଏସ୍ ?ଏମ୍ ?ସି) ତୁରନ୍ତ ପଦକ୍ଷେପ ନେଇ ଅଧାପନ୍ତରିଆ ରାସ୍ତା କାମ ଶେଷ କରିବା ସହ ମୁଖ୍ୟ ରାସ୍ତାରେ ଦିନକୁ ଅତିକମରେ ଦୁଇରୁ ତିନିଥର ପାଣି ସିଚଂନ କରିବାକୁ ସେମାନେ ଦାବି କରିଛନ୍ତି ।

# କାଇଁଶିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ସମ୍ବଲପୁର,୧୧/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ କାଇଁଶିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଏହି କାର୍ଯ୍ୟକ୍ରମରେ କାଇଁଶିର କ୍ଲଷ୍ଟର ଅନ୍ତର୍ଗତ ୯ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସରୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋ-ଅର୍ଡିନେଟର (ସିଆରସିସି) ଶୈଳସୁତା ପାଢ଼ୀ, ସାମ୍ବାଦିକ ଦୁଲାଳ ଚନ୍ଦ୍ର ରାୟ ଓ ସୁରଜ ସିଂ ଛୁରିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟର ସଭାପତି ଗୋପୀନାଥ ନାୟକ ମଧ୍ୟ ଏହି ଅବସରରେ ଯୋଗଦେଇଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ 'ସୁରଭି' କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନେତୃତ୍ୱ ଗୁଣ, ଆତ୍ମବିଶ୍ୱାସ ଓ ସାଂସ୍କୃତିକ ଚେତନାର ବିକାଶ ଜରୁରୀ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଲିଖନ, ସଙ୍ଗୀତ, ନୃତ୍ୟ ଓ କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲେ । ପ୍ରତିଯୋଗିତାରେ କୃତିତ୍ୱ



ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଶେଷରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା, ମମତା ସାହୁ, ସରୋଜିନୀ ନାୟକ, ଆରତୀ କିଣ୍ଡୋ, ତନ୍ମୟା ମାଝୀ, କାମିନୀ ମୁଣ୍ଡା ଓ ତପସ୍ୱିନୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ । ନିର୍ଗୁଣପଢ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବବ୍ରୁବାହନ ଭୋଇ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ସଇଡ଼ା ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

## ମୃତକଙ୍କ ପରିବାରକୁ କ୍ଷତିପୂରଣ

ସମ୍ବଲପୁର,୧୧/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିକଟସ୍ଥ ସଇଡା ଗ୍ରାମରେ ଶୁକ୍ରବାର ଭୋର ହାତୀ ଆକ୍ରମଣରେ ଜଣେ ମହିଳାଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ସଇଡା ଗ୍ରାମର ୪୭ ବର୍ଷିୟା ଅଞ୍ଜଳି କୁସୁମ ବୋଲି ଜଣାପଡିଛି । ଗତକାଲି କୁଚିଣ୍ଡା ସହର ଆଖପାଖରେ ଘୁରି ବୁଲୁଥିବା ୬ ଟିକିଆ ବଣୁଆ ହାତୀପଲ ସନ୍ଧ୍ୟାରେ ଚୈତ୍ରା ପର୍ବତ ଆଡକୁ ଯାଇଥିଲେ । ମାତ୍ର ରାତିରେ ଦିଗ ବଦଳାଇ ସେମାନେ ସଇଡା ଗ୍ରାମ ନିକଟସ୍ଥ ଭେଡେନ ନଦୀକୂଳ ଦେଇ ଗତି କରୁଥିଲେ । ଆଜି ଭୋର ସମୟରେ ଅଞ୍ଜଳି ଶୌଚ ପାଇଁ ନଦୀକୂଳକୁ ଯାଇଥିବା ବେଳେ ଅପ୍ରତ୍ୟାଶିତ ଭାବେ ହାତୀପଲଙ୍କ ସମ୍ମୁଖୀନ ହୋଇଥିଲେ । ହାତୀପଲ ତାଙ୍କୁ ଘୋଷାଡି ଶୁଣ୍ଢରେ କଚାଡ଼ି ଦେଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଅଭାବନୀୟ ଘଟଣା ପରେ ସମଗ୍ର ଅଂଚଳରେ ଶୋକାକୁଳ ପରିବେଶ ସହ ଭୟର ବାତାବରଣ ଖେଳିଯାଇଛି । ଏହାକୁ ନେଇ ଆଜି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ୨୫ ହଜାର ଟଙ୍କା, ରାଜ୍ୟ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ୧୦ ହଜାର ଟଙ୍କା ଓ ବନବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିବା ସହ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ବନ ବିଭାଗ ପକ୍ଷରୁ ଡାକ ଯନ୍ତ୍ର ମାଧ୍ୟମରେ ବାରମ୍ବାର ଲୋକଙ୍କୁ ହାତୀ ଚଳାଚଳ ଉପରେ ସତର୍କ ସଚେତନ କରାଯାଉଛି ବୋଲି ଆଜି ସାନ୍ଧ୍ୟରେ ରେଞ୍ଜର ଲେଖାରଣୀ ମହାନନ୍ଦ ସୂଚନା ଦେଇଛନ୍ତି । କୁଚିଣ୍ଡା ଅଂଚଳର ୨୫ କିଲୋମିଟର ଭିତରେ ଦୟାପୂର୍ବକ କେହି ସନ୍ଧ୍ୟା ଓ ସକାଳ ସମୟରେ ଏକା ବାହାରକୁ ବାହାରନ୍ତୁ ନାହିଁ ଏବଂ ଅନ୍ୟକୁ ବି ସତର୍କ କରାନ୍ତୁ । ଏବେ ବି ଏକ ୬ ଟିକିଆ ହାତୀପଲ ରାମଝାଲି ଅଂଚଳରେ ରହିଥିବାରୁ ବନ ବିଭାଗ ହାତୀପଲଙ୍କ ଗତିବିଧି ସମ୍ପର୍କରେ ଅହରହ ନଜର ରଖିଛି ବୋଲି ମଧ୍ୟ ସୂଚନା ଦେଇଛନ୍ତି ।

# ଗଣସଫେଇ ଅଭିଯାନର ସଫଳତାକୁ ନେଇ ପ୍ରଶ୍ନ.. !

## ଟି-ସାର୍ଟ, ଟୋପି ଓ ଫଟୋରେ ସୀମିତ ରହିଥିବା ଅଭିଯୋଗ; ଦୁର୍ଗାପୂଜା ପୂର୍ବରୁ ସହର ସଫା କରିବାକୁ ଦାବି



ସମ୍ବଲପୁର, ୧୧/୧୦ (ନି/ପ୍ର): ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ଶନିବାର ଆୟୋଜିତ ଗଣସଫେଇ ଅଭିଯାନର ସଫଳତାକୁ ନେଇ ସହରରେ ପ୍ରଶ୍ନ ଉଠିଛି । ଅଭିଯାନ କେତେକ ସ୍ଥାନରେ ପ୍ରତୀକାତ୍ମକ ସଫେଇ, ଫଟୋ ଉଠାଇବା ଓ ସେଲ୍ଫି ନେବାରେ ସୀମିତ ରହିଥିବା ସମ୍ବଲପୁର ଉର୍ଣ୍ଣୟନ କର୍ତ୍ତୃପକ୍ଷ (ଏସଡିଏ)ର ପୂର୍ବତନ ଅଧକ୍ଷ ଜୟବ୍ରତ ଦେ ଅଭିଯୋଗ କରିଛନ୍ତି ଓ ଅନ୍ୟପଟେ ସହରର ବିଭିନ୍ନ ରାସ୍ତା ଓ ଗଳିରେ ଆବର୍ଜନା ପଡ଼ିରହିଥିବା ନେଇ ନାଗରିକମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ଅନୁସାରେ, ଅଭିଯାନରେ ସାଧାରଣ ନାଗରିକଙ୍କ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିନଥିଲା । କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟ ଲୋକଙ୍କୁ ନେଇ ଔପଚାରିକତା ପୂରଣ କରାଯାଇଥିବା ମଧ୍ୟ କୁହାଯାଇଛି । ଟି-ସାର୍ଟ ଓ ଟୋପି ପିନ୍ଧି କିଛି ଆବର୍ଜନା ଉଠାଇ ଫଟୋ ନେବା ଦ୍ୱାରା ସହରର ସାମଗ୍ରିକ ପରିମଳ ସମସ୍ୟାର ସମାଧାନ ହେବ କି ବୋଲି ପ୍ରଶ୍ନ ଉଠିଛି । ସାକ୍ଷୀପଡ଼ା ଦୁର୍ଗାମଣ୍ଡପ ନିକଟ ଇଦ୍ ?ଗାହ ପାଖ, ଗୋଲବଜାର ଦୁର୍ଗାମଣ୍ଡପ ନିକଟ ବେଙ୍ଗେଲ୍ସ ଦୋକାନ ଗଳି, ଶକ୍ତି ଛକ, ଦୁର୍ଗାମଣ୍ଡପ ପାଖ, ଫ୍ଲାଏଓଭର ନିକଟ ଏବଂ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ୍‌ର ସିନ୍ଧି ଧର୍ମଶାଳା ନିକଟରେ ଆବର୍ଜନା ପଡ଼ିରହିଥିବା ଅଭିଯୋଗ ହୋଇଛି । ଦୁର୍ଗାପୂଜା ମଣ୍ଡପ ନିକଟରେ ମଧ୍ୟ ଆବର୍ଜନା ରହିଥିବାବେଳେ ଗଣସଫେଇ ଦିନ ଏହା ସଫା ନହେବାକୁ ନେଇ ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି । ହନୁମାନ ଜୟନ୍ତୀ, ଶୀତଳଷଷ୍ଠୀ, ନୂଆଁଖାଇ ଓ ଗଣେଶ ପୂଜା ଭଳି ପର୍ବପର୍ବାଣି ସମୟରେ ମଧ୍ୟ ସହରର ପରିମଳ ବ୍ୟବସ୍ଥାକୁ ନେଇ ଅଭିଯୋଗ ଆସୁଥିବା କୁହାଯାଇଛି । ଦୁର୍ଗାପୂଜାକୁ ଆଉ କିଛି ଦିନ ଥିବାବେଳେ ଅନେକ ଅଚଂଳରେ ନିୟମିତ ସଫେଇ, ଷ୍ଟ୍ରିଟ୍‌ଲାଇଟ୍ ଓ ପାନୀୟ ଜଳ ଯୋଗାଣ ସମସ୍ୟା ରହିଥିବା ନେଇ ଚିନ୍ତା ପ୍ରକାଶ ପାଇଛି । ସହରର ସମସ୍ତ ୱାର୍ଡ, ଗଳି, ନାଳ ଓ ଆବର୍ଜନାପ୍ରବଣ ଅଚଂଳରେ ସଫେଇ ଅଭିଯାନ ଚାଲୁ କରିବାକୁ ଦାବି ହୋଇଛି । ଦୁର୍ଗାପୂଜା ମଣ୍ଡପ ଓ ଏହାର ଆଖପାଖ ଅଚଂଳକୁ ଆବର୍ଜନାମୁକ୍ତ କରିବା ସହ ପୂଜାକୁ ଯାଉଥିବା ରାସ୍ତାରେ ଆଲୋକ ବ୍ୟବସ୍ଥା ଏବଂ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଏସ୍‌ଏମ୍‌ସିକୁ ଅନୁରୋଧ କରାଯାଇଛି । ଏହାସହ ଗଣସଫେଇ ଅଭିଯାନରେ କେତେ ଖର୍ଚ୍ଚ ହେଲା, କେତେ ଲୋକ ନିୟୋଜିତ ହେଲେ, କେତେ ଅଚଂଳ ସଫା ହେଲା ଏବଂ କେତେ ଆବର୍ଜନା ଉଠାଗଲା— ସେନେଇ ତଥ୍ୟ ସ୍ୱଚ୍ଛ ଭାବେ ରଖିବାକୁ ଦାବି ହୋଇଛି । ପ୍ରତ୍ୟେକ ୱାର୍ଡରେ ନିୟମିତ ଆବର୍ଜନା ସଂଗ୍ରହ, ନାଳ ସଫେଇ ଓ ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ଉଠିଛି । ଗଣସଫେଇ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନରହି ନିୟମିତ ପରିମଳ ବ୍ୟବସ୍ଥାର ଅଂଶ ହେବା ଆବଶ୍ୟକ ।ଫଟୋରେ ସ୍ୱଚ୍ଛତା ଦେଖାଇବା ଅପେକ୍ଷା ରାସ୍ତା, ଗଳି ଓ ଜନବସତିକୁ ବାସ୍ତବରେ ସଫା ରଖିବା ଉପରେ ଏସ୍‌ଏମ୍‌ସି ଗୁରୁତ୍ୱ ଦେବା ଉଚିତ ବୋଲି ଶ୍ରୀ ଦେ କହିଛନ୍ତି ।

# ବରିଷ୍ଠ ସମାଜସେବୀ ନୃପଲାଲ ମେହେରଙ୍କ ପରଲୋକ

ଝାରସୁଗୁଡ଼ା,୧୧/୧୦(ନି/ପ୍ର): ଲଇକେରା ଅଂଚଳର ବରିଷ୍ଠ ସମାଜସେବୀ ତଥା ଚୌ-ଜିଲ୍ଲା ଭୁଲିଆ ସମାଜର ପୂର୍ବତନ ସଭାପତି ନୃପଲାଲ ମେହେର (୯୫)ଙ୍କ ହୃଦଘାତରେ ପରଲୋକ ଘଟିଛି । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଲଇକେରା ସମେତ ସମଗ୍ର ଅଂଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି । ସ୍ୱର୍ଗତ ମେହେର ଦୀର୍ଘ ୧୫ ବର୍ଷ ଧରି ଚୌ ଜିଲ୍ଲା ଭୁଲିଆ ସମାଜର ସଭାପତି ଦାୟିତ୍ୱ ତୁଲାଇ ସମାଜର ସାଂଗଠନିକ ବିକାଶ ଓ ଉନ୍ନତି ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ସମାଜ ପ୍ରତି ତାଙ୍କର ନିଷ୍ଠା, ସେବା ମନୋଭାବ ଓ ନେତୃତ୍ୱ ତାଙ୍କୁ ଅଂଚଳରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ସେ କେବଳ ଜଣେ ସମାଜସେବୀ ନଥିଲେ, ବରଂ ନିଜର ସରଳ ଜୀବନଯାପନ, ମିଷ୍ଟଭାଷୀ ସ୍ୱଭାବ ଓ ଧର୍ମପରାୟଣତା ଯୋଗୁଁ ସମସ୍ତଙ୍କ ନିକଟରେ ଆଦରଣୀୟ ହୋଇପାରିଥିଲେ । ତାଙ୍କ ବିୟୋଗରେ ସମାଜ ଜଣେ ଅଭିଜ୍ଞ ମାର୍ଗଦର୍ଶକ ଓ ଅଂଚଳ ଜଣେ ନିଷ୍ଠାବାନ ସମାଜସେବୀଙ୍କୁ ହରାଇଲା । ତାଙ୍କ ପରଲୋକ ଖବର ପାଇ ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ବଡ଼ ପୁଅ ଅର୍ଜୁନ ମେହେର ମୁଖାଗ୍ନି ଦେଇଥିଲେ । ଅନ୍ୟ ପୁତ୍ର ତୁଲେଶ୍ୱର ମେହେର, ବସନ୍ତ ମେହେର ଓ ମୁରଲୀଧର ମେହେରଙ୍କ ସମେତ ପୁତ୍ରବଧୂ, ନାତିନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

# ଭାଜପାର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା,୧୧/୧୦(ନି/ପ୍ର) :ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଜନମୁଖୀ କରିବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ଅଚଂଳର ବିକାଶକୁ ପ୍ରାଥମିକତା ଦେବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ । ଶୁକ୍ରବାର ଲଇକେରା ଠାରେ ଆୟୋଜିତ ଭାରତୀୟ ଜନତା ପାର୍ଟି (ଭାଜପା)ର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ସେ ଏହି ଆହ୍ୱାନ ଦେଇଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ତ୍ରିପାଠୀ ଦଳର ଆଗାମୀ କାର୍ଯ୍ୟପନ୍ଥା ଓ ସାଂଗଠନିକ ଗତିବିଧି ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକର୍ତ୍ତା ଓ ଦଳୀୟ ସହଯୋଗୀଙ୍କ ସହ ମତ ବିନିମୟ କରି ସେ ଏକତାବଦ୍ଧ ଭାବେ ଜନସେବା ଓ ଅଚଂଳର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

# ରେଙ୍ଗାଲି ତହସିଲ ଛକରେ ଫ୍ଲାଏଓଭର ନିର୍ମାଣ ଦାବି



ସମ୍ବଲପୁର,୧୧/୧୦(ନି/ପ୍ର) :ରେଙ୍ଗାଲି ତହସିଲ ଛକ ନିକଟ ବାଇପାସ୍‌ରେ ଫ୍ଲାଏଓଭର ନିର୍ମାଣ ଏବଂ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ମାନ୍ୟତା ପ୍ରଦାନ ଦାବିରେ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି । ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ନେତୃତ୍ୱରେ ବିନୋଦ ବିହାରୀ ନନ୍ଦ, ପୀତବାସ ତାଣ୍ଡକାର, ବାବୁଲା ଅଗ୍ରୱାଲ, ଡା. ଅର୍ଜୁନ ନାୟକ ଓ ଶ୍ରୀନିବାସ ତାଣ୍ଡକାର ପ୍ରମୁଖ ସାଂସଦଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।




# ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ତରକେରା ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ବିଶେଷ ପ୍ରସ୍ତୁତି




ରାଉରକେଲା,୧୧/୧୦(ନି/ପ୍ର): ଚଳିତ ବର୍ଷ ତରକେରା ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ତରକେରା ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ ବର୍ଷରେ କମିଟି ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୨୦୨୬ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଅକ୍ଟୋବର ୧୭ ତାରିଖ ଦିନ ଡପଷଷ୍ଠୀରେ ମା'ଙ୍କ ବିଲ୍ୱବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୧୮ ତାରିଖ ଦିନ ମହାସପ୍ତମୀ, ଜଳାଭିଷେକ କାର୍ଯ୍ୟକ୍ରମରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ତରକେରା ଦୁର୍ଗା ପୂଜା ମଣ୍ଡପ ନିକଟରୁ ବାହାରି ତରକେରା ବ୍ରାହ୍ମଣୀ ନଦୀ ଘାଟକୁ ଯିବ ଏବଂ ନଦୀରୁ କଳସରେ ଜଳ ନେଇ ମଣ୍ଡପ ନିକଟକୁ ଆସି ଘଟ ସ୍ଥାପନ କରାଯିବ। ଅକ୍ଟୋବର ୧୯ ତାରିଖ ମହାଅଷ୍ଟମୀରେ ମହାଷ୍ଟମୀ ପୂଜା, ସନ୍ଧିପୂଜା ସହିତ ଅନୁଷ୍ଠାନ ତରଫରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ରହିଛି ଏବଂ ସନ୍ଧ୍ୟାରେ ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟିର ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୨୦ ତାରିଖ ଦିନ ମହାନବମୀରେ ମହାନବମୀ ପୂଜା ସହିତ କମିଟି ତରଫରୁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୨୧ ତାରିଖ ଶାରଦୀୟ ଦୁର୍ଗା ପୂଜାର ବିଜୟା ଦଶମୀ ପୂଜା, ଅପରାଜିତା ପୂଜା ସହିତ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅକ୍ଟୋବର ୨୨ ତାରିଖ ଦେବୀଙ୍କ ବିଶ୍ରାମ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୨୫ ତାରିଖ ଦିନ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଦୁର୍ଗାପୂଜା କମିଟି ପକ୍ଷରୁ ଚଳିତ ବର୍ଷ ମା'ଙ୍କ ମସ୍ତକରେ ୩ କେଜି ଓଜନର ରୂପା (ଚାନ୍ଦି) ମୁକୁଟ ଶୋଭାପାଇବା ସହିତ ଅନ୍ୟତମ ଆକର୍ଷଣ ଭାବେ କଟକ ପ୍ରସିଦ୍ଧ ସୁନେଲି ଜରି ମେଢରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଶୋଭା ପାଇବେ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ପ୍ରସାଦ କୁମାର ମଲ୍ଲିକ (କାକୁନି), ଉପସଭାପତି ପ୍ରଦୀପ ଜେନା, କାର୍ଯ୍ୟକାରୀ ସଭାପତି ସୁନୀଲ ସେଠୀ, ନନ୍ଦଲାଲ ପୁରନ, ସୂର୍ଯ୍ୟ ବାରିକ, ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ସହସମ୍ପାଦକ ସମରେନ୍ଦ୍ର ସ୍ୱାଇଁ (ସିଲୁ), କାର୍ଯ୍ୟକାରୀ ସମ୍ପାଦକ ଭ୍ୟାସ ମହାନ୍ତ, ନଟବର ଭୂମିଜ, କୋଷାଧକ୍ଷ ସୁକାନ୍ତ ମହାନ୍ତ, ସହ-କୋଷାଧକ୍ଷ ବସନ୍ତ ପଣ୍ଡା ଏବଂ ଜିତେନ୍ଦ୍ର ଜେନା, ଉପଦେଷ୍ଟା ହାଡିବନ୍ଧୁ ସ୍ୱାଇଁ, ବଳରାମ ଦାସ, ଅନନ୍ତ ଚନ୍ଦ୍ର ନାୟକ, ନରୋତ୍ତମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଉଦ୍ୟମ ବିଫଳ: ୬ ଅଭିଯୁକ୍ତଙ୍କୁ ଧରିବା ସହ ଅସ୍ତ୍ରଶସ୍ତ୍ର ଜବତ



ରାଉରକେଲା,୧୧/୧୦(ନି/ପ୍ର): ଉଦିତନଗର ପୋଲିସ ପକ୍ଷରୁ ରାଉରକେଲାର ମାଲଗୋଦାମ ରେଳ ସାଇଡିଂ ନିକଟରେ ଚଢ଼ାଉ କରାଯାଇ ଉଦିତନଗର ଅଂଚଳରେ ଏକ ଅଳଙ୍କାର ଦୋକାନରେ ଡକାୟତି କରିବାକୁ ଯୋଜନା କରୁଥିବା ଏକ ଗୋଷ୍ଠୀକୁ ଧରାଯାଇଛି। ସେମାନଙ୍କ ନିକଟରୁ ମାରାତ୍ମକ ଅସ୍ତ୍ରଶସ୍ତ୍ର, ଆଗ୍ନେୟାସ୍ତ୍ର ଏବଂ ଘରେ ପଶି ଚୋରି କରିବାରେ ବ୍ୟବହୃତ ଉପକରଣ ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ଜଣେ ଅଭିଯୁକ୍ତ ଉଦିତନଗର ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଏକ ଘରୁ ଚୋରି ମାମଲାରେ ନିଜର ସମ୍ପୃକ୍ତି ବିଷୟରେ ମଧ୍ୟ ସୂଚନା ଦେଇଛି। ଅପରାଧ ନିୟନ୍ତ୍ରଣ, ଜନସମ୍ପତିର ସୁରକ୍ଷା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଉରକେଲା ପୋଲିସ ସର୍ବଦା ପ୍ରତିବଦ୍ଧ।

# ଜିଲ୍ଲା ପଦାଧିକାରୀ ବୈଠକ ଓ ନୂତନ ପଦାଧିକାରୀ ଘୋଷଣା

ରାଉରକେଲା,୧୧/୧୦(ନି/ପ୍ର): ଭାରତୀୟ ଜନତା ପାର୍ଟି ରାଉରକେଲା ସାଂଗଠନିକ ଜିଲ୍ଲା ର ପଦାଧିକାରୀ ବୈଠକ ରାଉରକେଲାସ୍ଥିତ ହୋଟେଲ ଏନ.ଏସ.ଓ ଠାରେ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ପୂର୍ଣ୍ଣିମା କେର୍କେଟାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି ।ବୈଠକ ରେ ଜିଲ୍ଲା ପ୍ରଭାରୀ ଶ୍ରୀ ବଟ କିଶୋର ମିଶ୍ର ,ରାଜ୍ୟ ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ଗୁରିନ୍ଦର ସିଂ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଓ ମଣ୍ଡଳ ପ୍ରଭାରୀ ଉପସ୍ଥିତ ଥିଲେ ।ବୈଠକରେ ଜିଲ୍ଲାର ନୂତନ ପଦାଧିକାରୀ ଭାବେ ଜିଲ୍ଲା ଉପସଭାପତି ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ମିଶ୍ର ଓ ଜିଲ୍ଲା ସମ୍ପାଦକ ଭାବେ ଅକ୍ଷୟ କୁମାର ଦାଶଙ୍କ ନାମ ଜିଲ୍ଲା ସଭାପତି ଘୋଷଣା କରିଥିଲେ ଏବଂ ଉଭୟଙ୍କୁ ଜିଲ୍ଲା ପ୍ରଭାରୀ ଶ୍ରୀ ବଟ କିଶୋର ମିଶ୍ର ଉତରୀୟ ଦେଇ ସ୍ୱାଗତ କରିଥିଲେ ।ଜିଲ୍ଲାରେ ଦଳୀୟ ସଂଗଠନକୁ ମଜବୁତ କରିବା ସହିତ ସରକାରଙ୍କର ଯୋଜନା ଗୁଡିକ ଲୋକଙ୍କ ନିକଟରେ ପହଚାଂଇବା ନିମନ୍ତେ ଆଲୋଚନା ହୋଇଥିଲା। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ରାଉରକେଲା ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟାରତ୍ନ ଦିବସ ପାଳିତ






ରାଉରକେଲା,୧୧/୧୦(ନି/ପ୍ର): ଆଜି ଆନ୍ତର୍ଜାତୀୟ କନ୍ୟାରତ୍ନ ଦିବସ। ୟୁନିସେଫ୍ ସହଯୋଗରେ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ଶାଖା ଦ୍ୱାରା ରାଉରକେଲା ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟାରତ୍ନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳେ ବିଭିନ୍ନ ସ୍କୁଲର ଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ରିଂ ରୋଡ୍ ଡିଏଭି ଛକରୁ ବାହାରି ରାଉରକେଲା ରିଜର୍ଭ ପୋଲିସ୍ ଲାଇନରେ ଥିବା ରିଜର୍ଭ ପୋଲିସ୍ କାର୍ଯ୍ୟାଳୟ ନିକଟରେ ପହଂଚିଥିଲା। ସେଠାରେ କନ୍ୟାରତ୍ନ (ଛାତ୍ରୀ)ମାନଙ୍କୁ ବିସ୍କୁଟ୍ ଓ ଫଳରସ ଦିଆଯାଇ ସ୍ୱାଗତ କରାଯିବା ପରେ, ଆନ୍ତର୍ଜାତୀୟ କନ୍ୟାରତ୍ନ ଦିବସ ଅବସରରେ ଛାତ୍ରୀମାନଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଅତିଥି ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ସମ୍ମାନୀୟ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ରାଉରକେଲା ସରକାରୀ ଡାକ୍ତରଖାନାର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଶୋଭାରାଣୀ ପ୍ରଧାନ, ସିଡବ୍ଲ୍ୟୁସି ଚେୟାରପର୍ସନ ସାମୀ ଓରାମ, ସୁନ୍ଦରଗଡ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଶ୍ରୀବନ୍ତ ଜେନାଙ୍କ ସମେତ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରାବଣୀ ନାୟକ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ କନ୍ୟାରତ୍ନଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଚିନ୍ତା ପ୍ରକଟ କରିବା ସହିତ ସେମାନେ ଯେପରି ସମାଜରେ ଶୋଷିତ ନହେବେ ସେଥିପ୍ରତି ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ବାଲ୍ୟବିବାହ ବନ୍ଦ କରିବା ସହିତ କନ୍ୟା ଅଧିକାରର ବିନିଯୋଗ କରିବା ପାଇଁ ଅତିଥିମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। ଏ ଦିଗରେ ରାଜ୍ୟ ପୋଲିସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହିତ କନ୍ୟାରତ୍ନଙ୍କ ଉପରେ ଅତ୍ୟାଚାରକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ ସହିତ ସହଯୋଗ କରିବାକୁ ଆଜି ଆନ୍ତର୍ଜାତୀୟ କନ୍ୟାରତ୍ନ ଦିବସରେ ଆହ୍ୱାନ ଦିଆଯାଇଛି।

## ସାବିତ୍ରୀଙ୍କ ସ୍ମୃତିରେ ଚକ୍ଷୁ ପରୀକ୍ଷା ଓ ବୃକ୍ଷ ରୋପଣ

ଭଦ୍ରକ,୧୧/୧୦(ନି/ପ୍ର): ବନ୍ତର ବିଶିଷ୍ଟ ସମାଜ ସେବିକା ତଥା ନାଟ୍ୟକାର ଡ଼ ସୁଧାଂଶୁ ଶେଖର ନାୟକଙ୍କ ମା ସାବିତ୍ରୀ ନାୟକଙ୍କ ଏକାଦଶାହ ଅବସରରେ ମା ପାଇଁ ଗଛଟିଏ ଏବଂ ଚକ୍ଷୁ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସକାଳେ ଗଭରପୁର ସ୍ଥିତ ସାବିତ୍ରୀ ଉପବନ ପଡ଼ିଆରେ ସମାଜ ସେବିକାଙ୍କ ସ୍ମୃତିରେ ବୃକ୍ଷ ରୋପଣ କରାଯାଇଥିଲା।ପରିବାରର ସୁଧାଂଶୁ,ରମେଶ ଅମରେଶ, ସରେଶ,ମହେଶ, ମମତା, କଳ୍ପନା, କୁନି, ଗାଇନା, ରେବତୀ, ସରିତା, ହେମଲତା, ଲିଲି,ଏଲି, ଲକି, ଜକି ପ୍ରମୁଖ ବୃକ୍ଷ ରୋପଣ କରିଥିଲେ। ପରେ ଗଭରପୁର ସ୍କୁଲ ପରିସରରେ କେୟାର ନେତ୍ରମ୍ ଭୁବନେଶ୍ୱର ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା।

# ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ହନୁମାନ ବାଟିକାରେ ସାମୂହିକ ମହାଳୟା ଶ୍ରାଦ୍ଧ ଓ ପିତୃ ତର୍ପଣ



ରାଉରକେଲା,୧୧/୧୦(ନି/ପ୍ର): ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା, ପ୍ରେମ, ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିବା ଭାରତୀୟ ସନାତନ ସଂସ୍କୃତିର ଏକ ମହାନ ପରମ୍ପରା। 'ଶ୍ରାଦ୍ଧ' ଶବ୍ଦର ମୂଳରେ ରହିଛି ଶ୍ରଦ୍ଧା ଅର୍ଥାତ୍ ନିଷ୍ଠା, ପ୍ରେମ, ଭକ୍ତି ଓ କୃତଜ୍ଞତାର ଭାବ। ଏହି ପବିତ୍ର ଭାବନାକୁ ଆଧାର କରି ସନ୍ଥ ଆଶାରାମଜୀ ବାପୁଙ୍କ ପାବନ ପ୍ରେରଣାରେ ପରିଚାଳିତ ରାଉରକେଲା ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ହନୁମାନ ବାଟିକାଠାରେ ସାମୂହିକ ମହାଳୟା ଶ୍ରାଦ୍ଧ ଓ ପିତୃ ତର୍ପଣ କାର୍ଯ୍ୟକ୍ରମ ଶ୍ରଦ୍ଧା ଓ ଭକ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ରାଉରକେଲା ତଥା ଆଖପାଖ ଅଂଚଳରୁ ପ୍ରାୟ ୫୦୦ ଜଣ ଶ୍ରଦ୍ଧାଳୁ ଯୋଗଦେଇ ନିଜ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାପୂର୍ବକ ଶ୍ରାଦ୍ଧ ଓ ପିତୃ ତର୍ପଣ ଅର୍ପଣ କରିଥିଲେ। ସାମୂହିକ ଭାବେ ଆୟୋଜିତ ଏହି ଧାର୍ମିକ ଅନୁଷ୍ଠାନ ଶ୍ରଦ୍ଧା, ଭକ୍ତି, କୃତଜ୍ଞତା ଓ ସନାତନ ସଂସ୍କୃତି ପ୍ରତି ସମ୍ମାନର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମ ସଂଯୋଜକ ସମୀର ପଟ୍ଟନାୟକ, ବିଶ୍ୱଜିତ ସରକାର, ପ୍ରୀତି ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନ ତଥା ଏହି କାର୍ଯ୍ୟକ୍ରମରେ ଜୟଶଙ୍କର ଗୌଡ଼, ବିଶ୍ୱମ୍ଭର ମହାନ୍ତି, ରଞ୍ଜିତା ଗୁପ୍ତା, ବିଷ୍ଣୁ ପ୍ରଧାନ, ସୁନୀତା ସାହୁ, ଜ୍ୟୋତି ସାହୁ, ପର୍ଶୁରାମ ବଡାଇକ, ମନୋଜ ସାହୁ, ମଧୁ ବର୍ମା, ଶିବ ବିଶ୍ୱକର୍ମା, ବଳରାମ ପ୍ରଧାନ, ଗୋପାଳ ପ୍ରଧାନ, ଗୀତା ମହାନନ୍ଦିଆ, ଅନୀତା ମାଝୀ, ଶିବଶଙ୍କର ମାଝୀ ଓ ଅର୍ପିତା ପଟ୍ଟନାୟକ ପ୍ରମୁଖ ସକ୍ରୀୟ ଭାବେ ସହଯୋଗ କରିଥିଲେ।

## ବାଲ୍ୟ ବିବାହ ସଚେତନତା ଶିବିର

ଭଦ୍ରକ,୧୧/୧୦(ନି/ପ୍ର):ବନ୍ତ କଲେଜ ପରିସରରେ ବନ୍ତ ପୋଲିସ ପକ୍ଷରୁ ବାଲ୍ୟ ବିବାହ ଏବଂ ଆର୍ନ୍ତଜାତୀୟ କୈଶର ଜୁଭେନଟିକା ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତି ଉପସ୍ଥିତ ରହି ବାଲ୍ୟ ବିବାହ ନିରାକରଣ, କୈଶର ସମ୍ବନ୍ଧୀୟ ସମସ୍ୟା ଓ ଜୁଭେନଟିକା ଟୀକାର ଉପକାରିତା ନେଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା।

# ଆନ୍ତଃ ଯୋନ୍ କବାଡି ବାଳିକା ପ୍ରତିଯୋଗିତାରେ ମ୍ୟୁନିସିପାଲ କଲେଜ ରାଉରକେଲା ଚମ୍ପିୟାନ



ରାଉରକେଲା,୧୧/୧୦(ନି/ପ୍ର): ଆଜି ମ୍ୟୁନିସିପାଲ କଲେଜ ରାଉରକେଲା ଆନୁକୂଲ୍ୟରେ ଆନ୍ତଃ ଯୋନ୍ କବାଡି ବାଳିକା ପ୍ରତିଯୋଗିତା ରେ ମ୍ୟୁନିସିପାଲ କଲେଜ ରାଉରକେଲା ଚମ୍ପିୟାନ ହେଇଥିଲା ବେଳେ ରାଜା କଲେଜ ପଟିଆ ଭୁବନେଶ୍ୱର ଉପବିଜେତା ହୋଇଛନ୍ତି। ମୁନିସ୍ୱାଲ୍ କଲେଜ ରାଉରକେଲା ୫୦-୩୫ ବ୍ୟବଧାନରେ ବିଜୟୀ ହୋଇଥିଲେ। ସମୁଦାୟ ୧୦ ଟି ଜୋନ୍ ର ସମଗ୍ର ଓଡ଼ିଶାରୁ ଚମ୍ପିୟାନ ଟିମ୍ ପ୍ରତିଯୋଗୀତା ରେ ଭାଗ ନେଇ ଥିଲେ। ଆଜିର ଫାଇନାଲ ମ୍ୟାଚ ରେ ମ୍ୟୁନିସିପାଲ କଲେଜ ରାଉରକେଲା ର ପଦାର୍ଥ ବିଜ୍ଞାନ ର ରିଡର୍ ଅର୍ପିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପିୟାନ ଟିମ୍ କୁ ଟ୍ରଫି ପ୍ରଦାନ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବେ କ୍ୟାପଟେନ୍ ମିନା ଦାସ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଜି ସମୁଦାୟ ୭୨ ଜଣ ଖେଳାଳି ସିଲେକ୍ସନ୍ ପାଇଁ ଆସିଥିଲେ ଏବଂ ସେମାନଙ୍କ ମଧ୍ୟରୁ ୨୦ ଜଣ ଖେଳାଳି ଅଣ୍ଡର ୧୯ ଉଏିଁଝର ଓଡ଼ିଶା କବାଡି ବାଳିକା ଟିମ୍ ପାଇଁ ଚୟନ କରାଯାଇଥିବା ବେଳେ ଆସନ୍ତା ନଭେମ୍ବର ମାସ ରେ କର୍ଣାଟକ ରେ ହେବା କୁ ଥିବା SGFI TOURNAMENT ପାଇଁ ୧୨ ଜଣ ଯୋଗ ଦେବାକୁ ସ୍ଥିର କରାଯାଇଛି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ରାଉରକେଲା,୧୧/୧୦(ନି/ପ୍ର): ବିଶ୍ରା ଶିକ୍ଷା ବ୍ଲକ୍ ଅଧୀନ ଆର.ଇ.ସି କ୍ଲଷ୍ଟରର ୧୭ଟି ବିଦ୍ୟାଳୟର ୨୮୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେଇଯାଇଛି। ଉଦ୍ ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଅଧିକାରୀ ସତ୍ୟଭାମା ବେହେରା ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ସେକଟର ୨୦ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ କେରକେଟା,ସୁଶୀଳାବତୀ + ୨ ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ସତ୍ୟାନନ୍ଦ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ପ୍ରାକ୍ତନ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ କୃପାସିନ୍ଧୁ ପତି, ଆରତୀ ପ୍ରଧାନ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ମିଶ୍ର ଓ ସରକାରୀ ପ୍ରମୁଖ ଯୋଗଦେଇଥିଲେ।ଉଦ୍ ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶ୍ରା ବ୍ଲକ୍ ଶିକ୍ଷା ଅଧିକାରୀ ସୁପ୍ରଭାତ କୁମାର ବେହେରା ଓ ସମାଜ ସେବୀ ଆତ୍ରର୍ତ୍ତାଣ ଜେନା ଯୋଗ ଦେଇଥିଲେ। ସିଆରସିସି ସିପ୍ରା ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମିଶ୍ର ଓ ନିରୁପମା ପତି ମଚଂ ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ବିଚାରକ ଭାବେ ବିଦ୍ୟୁତମୟୀ ମିଶ୍ର, ଉର୍ମିଳା ପ୍ରଧାନ, ବନ୍ଦନା ଦାସ, ଦୁଲାରୀ ପଟେଲ, ସବିତା ବସ୍ତିଆ, ସସ୍ମିତା ପରିଡା, ମେରୀ ସାହୁ, ସୁଚିସ୍ମିତା ଶତପଥି,ବିନୀତା ମହାନ୍ତି, ସୁଚିତ୍ରା ସାହୁ,ପ୍ରମିତା ମହାପାତ୍ର, ରିନୁ ପ୍ରଧାନ, ଦିପ୍ତିମୟୀ ପରିଡା, ନମିତା ମହାନ୍ତି, ସଂଯୁକ୍ତା ଗଡନାୟକ, ଶୁଭଶ୍ରୀ ସେଠି ଯୋଗ ଦେଇଥିଲେ। ପରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଉଦଘାଟନି ଉତ୍ସବରେ ସ୍ମୃତିପ୍ରଭା ବେଉରିଆ ଓ ଉଦ୍ ?ଯାପନି ଉତ୍ସବରେ ରଞ୍ଜନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସୁରଭି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଡିଆ ପୋଲିସ ପକ୍ଷରୁ ଜୁଭେନ୍ଟିକା ଓ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

# ଯୋଗ ଦେଲେ ବିଧାୟକ

ମାଲକାନଗିରି,୧୧/୧୦(ନି/ପ୍ର): ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ପୋଲିସ ପକ୍ଷରୁ ଜୁଭେନ୍ଟିକା କାର୍ଯ୍ୟକ୍ରମ ସହ ସଡକ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଅଛି। ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ସଚେତନତା ରାଲି ମୁଖ୍ୟ ବଜାରରେ ଥିବା ରାମ ମନ୍ଦିର ଛକ ଠାରୁ ବାହାରି ପଂଚାୟତ କାର୍ଯ୍ୟାଳୟରେ ଶେଷ ହୋଇଛି। ସଡକ ସୁରକ୍ଷା ବାର୍ତ୍ତା ଦେଇ ଏହି ରାଲି ବାହାରିଥିବା ବେଳେ ବ୍ଲକ ଡ୍ରାଇଭର୍ ସଂଘ ଓ ସ୍ଥାନୀୟ ଜନ ପ୍ରତିନିଧି ମିଳିତ ଭାବେ ଏହି ରାଲିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଉଦ୍ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ନିହାର ରାୟ, ପଡିଆ ବ୍ଲକ ସାଂସଦଙ୍କ ପ୍ରତିନିଧି ପି ଭେଙ୍କେଟେଶ୍ୱର ରାଓ, ବିଧାୟକଙ୍କ ବ୍ଲକ ପ୍ରତିନିଧି ମନ ଦୀପଙ୍କର ରାୟ, ବ୍ଲକ ବିଜେପି ସଭାପତି କୋଟାମ ବାଲାୟା ସମେତ ଡ୍ରାଇଭର୍ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ପଡିଆ ପୋଲିସ ପକ୍ଷ୍ୟରୁ ପଡିଆ ଆଂଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଜୁଭେନ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋର ଅବସ୍ଥାରେ ମାନସିକ ସ୍ୱାସ୍ଥ୍ୟ, ନ୍ୟାୟ ଓ ଅଧିକାର, ବାଲ୍ୟ ବିବାହ ପ୍ରତିରୋଧ, ସାଇବର କ୍ରାଇମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗରୁ ଆସିଥିବା ଲିଙ୍ଗ ବିଶେଷଜ୍ଞ ସମ୍ବଲ କୋରା ମିଶାଇଲ ରାଜୁ ତାଲିମ ପ୍ରଦାନ କରିଥିବା ବେଳେ ପଡିଆ ଆଂଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପରମାନନ୍ଦ ମହାପାତ୍ର, ପଡିଆ ଥାନା ଏସଆଇ ଦେବେନ୍ଦ୍ର ଭତ୍ରା ଓ ଏଏସଆଇ ଅନିଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପଡିଆ ପୋଲିସ ପକ୍ଷ୍ୟରୁ ପଡିଆ ଆଂଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଜୁଭେନ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୭୨ତମ ବନ୍ୟପ୍ରାଣୀ ସପ୍ତାହ' ପାଳିତ



ରାଉରକେଲା,୧୧/୧୦(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.)ର ଉଦ୍ୟାନ କୃଷି ବିଭାଗ ଦ୍ୱାରା ଅକ୍ଟୋବର ୮ ତାରିଖ ଦିନ ଇନ୍ଦିରା ଗାନ୍ଧୀ ପାର୍କର ଇଂଟରପ୍ରିଟେସନ୍ ସେଂଟରଠାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ-୨୦୨୬ର ଉଦଯାପନୀ ଉତ୍ସବ ତଥା ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଯାଇଛି। ରାଉରକେଲା ବନଖଣ୍ଡର ଡିଭିଜନାଲ୍ ଫରେଷ୍ଟ ଅଫିସର (ଡି.ଏଫ୍.ଓ.) ଶ୍ରୀ ରବିକାନ୍ତ ମୀନା, ଆଇ.ଏଫ୍.ଏସ୍. ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସି.ଜି.ଏମ୍. (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି) ଶ୍ରୀ ସି. ଏମ୍. ଟୁଗ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ସିଟ୍ ଏଣ୍ଡ୍ ଡ୍ର ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଙ୍କାଯାଇଥିବା ଚିତ୍ରଗୁଡ଼ିକର ପ୍ରଦର୍ଶନୀ ଗ୍ୟାଲେରୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ଉଦ୍ୟାନ କୃଷି ବିଭାଗର ଜେନେରାଲ ମ୍ୟାନେଜର ତଥା ଚିଡ଼ିଆଖାନା ଏବଂ ହରିଣ ପାର୍କ (ଜେଡ୍.ଡି.ପି.)ର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ଅଭିଜିତ ବିଶ୍ୱାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଥିରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ପରିପ୍ରେକ୍ଷୀରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ଭିଡିଓ ପ୍ରଦର୍ଶିତ ମଧ୍ୟ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଏବଂ ବିଚାରକମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ଏହି ଉତ୍ସବ ଉଦଯାପିତ ହୋଇଥିଲା। ଉଦ୍ୟାନ କୃଷି ବିଭାଗର ସହାୟକ ମହାପ୍ରବନ୍ଧକ ଡକ୍ଟର ସତ୍ୟନାରାୟଣ ମିଶ୍ର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।